AMARISATYA ଆମରିସତ୍ୟ
Estd.: 2006
ODISHA

ମାସିକ ଇ-ପତ୍ରିକା

# ଆମ କବିତା

❖ଦ୍ୱିତୀୟ ବର୍ଷ

❖ଚତୁର୍ଥ ସଂଖ୍ୟା

❖ଅପ୍ରେଲ ୨୦୨୩



OPEN

Home Delivery
available

# TASTY DOTS

## MORE FOOD, MORE LIFE





TANDOOR

BIRYANI





CHINESE

INDIAN

VISIT AGAIN

Place your Order
9777030560

M5/23, Near Essura Drug House
Acharya Vihar, Bhubaneswar

# ଆମ କବିତା

ଦ୍ୱିତୀୟ ବର୍ଷ❖ଚତୁର୍ଥ ସଂଖ୍ୟା❖ଅପ୍ରେଲ ୨୦୨୩


### ମାର୍ଗଦର୍ଶକ

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

### ସମ୍ପାଦକ

**ନିଶିକାନ୍ତ କହଲସିଂହ**

### ଉପଦେଷ୍ଟା ମଣ୍ଡଳୀ

ସମରଜିତ ପଟ୍ଟନାୟକ
ବାବାଜୀ ଜେନା
ବିଭୁପ୍ରସାଦ ହରିଚନ୍ଦନ
ଡ. ରଶ୍ମୀରଞ୍ଜନ ନାଥ

### ସହଯୋଗୀ ସମ୍ପାଦକ ମଣ୍ଡଳୀ

ତ୍ରିଲୋଚନ ଦାସ
ରଶ୍ମିତା ନାୟକ
ବାସନ୍ତୀ ଦେଈ

### ପ୍ରଚ୍ଛଦ ଓ ଅଙ୍ଗସଜ୍ଜା

ରାଜୀବ ରଥ
ପ୍ରୀତମ ବଳିୟାରସିଂହ



AMARISATYA ଆମରି ସତ୍ୟ Estd.: 2006 ODISHA

**ଆମରି ସତ୍ୟ**

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା

ଯୋଗାଯୋଗ : ୯୪୩୭୨୮୧୬୫୫, **email : amarisatya@gmail.com**

অপ্রেল
২০২৩

# ସମ୍ପାଦକୀୟ



ତତଲା ତାୱାରେ ଓଡ଼ିଶା
ଡହଡହ ଖରାରେ ଭାଜି ହେଉଛି ମଣିଷ............
ଖରା ନୁହେଁ ତ.........
ଖାଲି ନିଆଁ.....ଆଉ ନିଆଁ......
ଏପଟେ ଅଂଶୁଘାତର ଆତଙ୍କ.........
ସେପଟେ ଅତିକ୍ ଓ ଅସରଫଙ୍କ-
ରକ୍ତରେ ରଞ୍ଜିତ ପ୍ରୟାଗରାଜ......
ସବୁଠି ତାତି.........।
ଏଇ ତାତି ଭିତରେ ଆସିଛି ଉତ୍କଳ ଦିବସ
ଥୋକେ କହିଲେ ଇଏ କାଳେ
'ଏପ୍ରିଲ୍ ଫୁଲ୍' ଦିବସ......
ବାକି ଯିଏ ରହିଲେ......
ତାଙ୍କ ଭିତରେ ପ୍ରବଳ ତାତି -
ଉତ୍କଳ ଦିବସ....ନା.....ଓଡିଶା ଦିବସ.......?
ଆସିଲା ପଣା ସଂକ୍ରାନ୍ତି......
ଓଡ଼ିଆ ନବବର୍ଷ / ହନୁମାନ ଜୟନ୍ତୀ........
ଯୁଆଡେ ଦେଖିଲେ ଯାତ୍ରା.....ଶୋଭାଯାତ୍ରା......
ଶୋଭାଯାତ୍ରାରୁ ମହାଯାତ୍ରା........
ସମ୍ବଲପୁରରୁ ସାରା ଓଡିଶା .......
ତାତି ଆଉ ତାତି........।
ଏ ତାତିର ଅନ୍ତନାହିଁ..........
ଆଉ ଏ ତାତି ଭିତରେ........
ମଣିଷର ବଞ୍ଚି ରହିବାର ଆଶାର ବି ଅନ୍ତ ନାହିଁ .....
ନୂଆନୂଆ ପାପ କରିବାର ନିଶାର ବି ଅନ୍ତ ନାହିଁ ....।

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ତମେ ତୃଷ୍ଣା, ତମେ ବି ଦହନ | ପୂର୍ଣ୍ଣ ଦାସ | ୭ |
| ୨. | ତମେ ଏମିତିକା ଗୀତଟିଏ.... | ରମେଶ ମଙ୍ଗରାଜ | ୮ |
| ୩. | ଶରଧାର ତିନିଗାର | ସୁକାନ୍ତି ମିଶ୍ର | ୯ |
| ୪. | ଏତିକି ତ ମାଗି ପାରିବି... | ଆଶାଲତା ପାଣ୍ଡବ | ୧୦ |
| ୫ | ଅନ୍ଧାରର ଅତୃପ୍ତ କାମନା | ଜୟନ୍ତୀ ସ୍ୱାଇଁ | ୧୧ |
| ୬. | ଆଶାରେ ନିରାଶା | ନିରୁପମା ପାଣି | ୧୨ |
| ୭. | ଘର | ପ୍ରଜ୍ଞା ମହାନ୍ତି | ୧୩ |
| ୮. | ଜୀବନ ରେଖା | ରଞ୍ଜିତା ମିଶ୍ର | ୧୪ |
| ୯. | ନଉକା | ଆଶୁତୋଷ ମେହେର | ୧୫ |
| ୧୦. | ଏ ମୀନାକ୍ଷୀ ! | ଦିବାକର ନାୟକ | ୧୬ |
| ୧୧. | ସମ୍ପର୍କ | ସୁନୀଲ ନାୟକ | ୧୭ |
| ୧୨. | ହୃଦୟର ଭାଷା | ଲକ୍ଷ୍ମୀପ୍ରିୟା ମହାରଣା(ରାଧା) | ୧୮ |
| ୧୩. | ମରୁପଥ | ଅଞ୍ଜଳି ଦାସ | ୧୯ |
| ୧୪. | ହେ କାହ୍ନା ! | ସୌଦାମିନୀ ସାହୁ | ୨୦ |
| ୧୫. | ଲକ୍ଷ୍ୟପଥ | ରାଜେଶ କୁମାର ମୁଣ୍ଡ | ୨୧ |
| ୧୬. | ଆଇସିୟୁରୁ ଫେରିଲା ପରେ | ସନ୍ତୋଷ ପଟ୍ଟନାୟକ | ୨୨ |
| ୧୭. | ଭୋକ | ସୁମିତା ବେହେରା ବାପି | ୨୩ |
| ୧୮. | ଖୁସି | ଗାୟତ୍ରୀ ବେହୁରା | ୨୪ |
| ୧୯. | କପଟୀ ବସନ୍ତ | ସୁପ୍ତି କର | ୨୫ |
| ୨୦. | ତୁମେ | ଅଭିଷେକ ମହାରଣା | ୨୬ |
| ୨୧. | ମୁଁ ସବଳା ନୁହେଁ ଦୁର୍ବଳା | ପ୍ରତିମା ମହାରଣା | ୨୭ |
| ୨୨. | ମୁଁ ଏମିତିକା ଜଣେ | ଚପଳା ପଣ୍ଡା | ୨୮ |
| ୨୩. | ଯୋଷୀ ମଠ | ଅକ୍ଷୟ ମହାନ୍ତି | ୨୯ |
| ୨୪. | କିଛି ରହିଗଲା ବାକି | ନଳିନୀପ୍ରଭା ମିଶ୍ର | ୩୦ |
| ୨୫. | ରାସ୍ତା | ବିମଳା ସିଂହ | ୩୧ |

ଆମ କବିତା


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ବନ୍ଧୁତା | ଆରତୀ ପ୍ରହରାଜ | ୩୨ |
| ୨୭. | ସେତୁ ପ୍ରତିଷ୍ଠା | ସୁରେଶ ଚନ୍ଦ୍ର ରଥ | ୩୩ |
| ୨୮. | ବର୍ଷା ଗୋ' ତୁମେ ଆସ | ଶ୍ରୀ ଲୋକନାଥ ମିଶ୍ର (ଭରଦ୍ୱାଜ) | ୩୪ |
| ୨୯. | କନ୍ୟା କଲ୍ୟାଣୀ | ଜ୍ୟୋତି ପ୍ରଭା ପଟ୍ଟନାୟକ | ୩୫ |
| ୩୦. | ଜୀବନ | ସୂର୍ଯ୍ୟକାନ୍ତି ଦାଶ | ୩୬ |
| ୩୧. | ବସନ୍ତ ଆସୁଛି | ନଳିନୀ ପ୍ରଭା ଦାସ | ୩୭ |
| ୩୨. | ଜୀବନର ଶୂନ୍ୟତା | ସ୍ମିତ୍ତା ପ୍ରଧାନ | ୩୮ |
| ୩୩. | ବୋଉ | ଅଳକା ଦାସ | ୩୯ |
| ୩୪. | ଋତା ପାଇଁ କବିତା | ଡ. ରଜତ କୁମାର ଷଡ଼ଙ୍ଗୀ | ୪୦ |
| ୩୫. | କବିତା | ବିଭୁପ୍ରସାଦ ମହାପାତ୍ର | ୪୧ |
| ୩୬. | କବିତା | ତାରାପ୍ରସାଦ ଜେନା | ୪୨ |
| ୩୭. | ବୋକାଝିଅର ବିଶ୍ୱାସ | ଡ. ସୁଚିତ୍ରା ରଥ | ୪୩ |
| ୩୮. | ପ୍ରେମ ନମିଳିଲେ କବିତା ମିଳେନି | ବୈଦ୍ୟନାଥ ଖିଲାର | ୪୪ |
| ୩୯. | ଛାଇର ଚିତ୍ର | ଶୁଭଶ୍ରୀ ରାଉତ | ୪୫ |
| ୪୦. | କୃଷ୍ଣ ଚୁଡ଼ା | ରତ୍ନପ୍ରଭା ବାଇ | ୪୬ |
| ୪୧. | ନିର୍ଜନ ନିଶିଥେ | ରବିନାରାୟଣ ମଙ୍ଗରାଜ | ୪୭ |
| ୪୨. | 'କିଛି'ର କବିତା | ତପନ ଦୀକ୍ଷିତ (ବେଳାଭୂମି) | ୪୮ |
| ୪୩. | ସୁନା ପୁଅ | ହାସ୍ୟମୟୀ ରାଜ୍ | ୪୯ |
| ୪୪. | ମଲାଜହ୍ନ | ଯମେଶ୍ୱର କହଲସିଂହ | ୫୦ |
| ୪୫. | ହଜିଲା ମତି | ପୀୟୂଷ ସାମଗ | ୫୧ |
| ୪୬. | ପୁଣ୍ୟ ଦେବଭୂମି ଉତ୍କଳ | ଜୟଶ୍ରୀ ପଟ୍ଟନାୟକ | ୫୨ |
| ୪୭. | ଭୋକ | କବିତା କାନୁନଗୋ | ୫୩ |
| ୪୮. | ଶ୍ରେଷ୍ଠ ସତ୍ୟ | ସନ୍ନ୍ୟାସୀ ନାୟକ | ୫୪ |
| ୪୯. | ଧନ୍ୟ ତୁମେ ଶହୀଦ ଦେବାଶିଷ | ଗୋବିନ୍ଦ ଚନ୍ଦ୍ର ପ୍ରଧାନ | ୫୫ |

# ତମେ ତୃଷ୍ଣା, ତମେ ବି ଦହନ

**ପୂର୍ଣ୍ଣ ଦାସ**



ତମେ ତ ଭୋକର ତୃଷ୍ଣା
ଭୋଗ ତେଣୁ ଦହନର ସୁଖ,
ତମେ ଯାତନାର ଜହ୍ନ
ଭୋଗ ଭୋକ ଭାବନାର ଦୁଃଖ ।

ତମେ ଛାଇଛାଇ ମେଘ
ଲୁଚି ମାଗ ଦେହର ଉତ୍ତାପ,
ତମେ ବର୍ଷୁକୀ ଶ୍ରାବଣ,
ଓଠତଳ  ଉହ୍ଲୁର ସନ୍ତାପ  ।

ତମେ କାକର ଓଠରେ
ଶାନ୍ତସ୍ନିଗ୍ଧ ସକାଳର  ହସ,
ମୁଁ ଗୋ ଚଇତର ଖରା
କାଠଚମ୍ପା ବାସ୍ନାର ବିଶ୍ୱାସ  ।

ତମେ ମୋ' ନଥିବା ଗାଆଁ
ଉଜାଣିରେ ବହୁଥିବା ନଈ,
ମୁଁ ଗୋ ଦିଗହଜା ପକ୍ଷୀ
ଉଡ଼ିବୁଲେ ତମ ପଥଚାହିଁ  ।

ତମେ ଗୋଧୂଳିର ତାରା
ସନ୍ଧ୍ୟାର ମୁଁ ନୀଳଆବାହନ,
ସଜନୀ ଗୋ ତୁମ ବିନା
ସବୁମିଛ ତୃଷ୍ଣା ଓ ଦହନ  ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର

# ତମେ ଏମିତିକା ଗୀତଟିଏ....



**ରମେଶ ମଙ୍ଗରାଜ**

ତମେ ଏମିତିକା ଗୀତଟିଏ ମିତ
ମୁଖସ୍ଥ ଯାଇଛ ହୋଇ
ମୋ' ଗୀତ ଖାତାର ପ୍ରଥମ ପୃଷ୍ଠାରେ
ଲେଖିଛି ମୁଁ ନିଜ ପାଇଁ।୦।

ପ୍ରତିଟି ଧାଡ଼ିର ଚାତୁରୀ ଶବ୍ଦରେ
ମନ ମୋ' ବତୁରି ଯାଏ
ଭାବର ସହରେ ଯୁଆଡେ ଚାହିଁଲେ
ତମରି ମହକ ପାଏ
ତମ ସ୍ମୃତି ମୋତେ ମତୁଆଲ କରେ
ବହିଯାଏ ପ୍ରେମ ନଈ।୧।
ତମେ ଏମିତିକା........

ତମକୁ ଗାଇଲେ ଯେଉଁ ସ୍ୱର ଦେଇ
ତମେ ଲାଗ ନୂଆ ନୂଆ
ପ୍ରତି ରାଗ ଆଉ ରାଗିଣୀ ଭିତରେ
ପାଏ ମୁଁ ପୀରତି ଛୁଆଁ
ଯେତେ ଗାଉଥିଲେ ସେତେ ସୁଖ ମିଳେ
ରାତି ପାହେ ତମ ପାଇଁ।୨।
ତମେ ଏମିତିକା........

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା**

# ଶରଧାର ତିନିଗାର



**ସୁକାନ୍ତି ମିଶ୍ର**

ତୁମେ ରାମମୟ  ଅବୋଧର ଓଠେ
ନବଜାତ କୁଆଁକୁଆଁ
ତୁମେ ଅରୁଣିମା ତମସା ତିମିରେ
ପାବନର ନୂଆ  ନାଆଁ...
ତୁମେ ଧୀବରର ହୁଲି ଡଙ୍ଗାଟିରେ
ମୋକ୍ଷର ଗଙ୍ଗାତୀର
ତୁମେ ଗୁଣ୍ଡୁଚିର କଅଁଳ ପିଠିରେ
ଶରଧାର ତିନିଗାର.... (୦)

ତୁମେ ଶିବଧନୁ ଗୁଣଟଂକାରେ
ଅଭୟ କୋଦଣ୍ଡଧାରୀ
ଅମଙ୍ଗଳ ନାସୀ ମଙ୍ଗଳ ବିଧାନେ
ତୁମେ ପ୍ରଭୁ ବନଚାରୀ
ସତ୍ଵ ମର୍ଯ୍ୟାଦାର ସୀମାରେଖା ତଳେ
ଅବିଚଳ ପ୍ରତିଜ୍ଞାର...
ତୁମେ ଗୁଣ୍ଡୁଚିର କଅଁଳ ପିଠିରେ
ଶରଧାର ତିନିଗାର....(୧)

ତୁମେ ଶବରୀର ଭକତି ପଖଳା
ପର୍ଣ୍ଣକୁଟୀର ପ୍ରୀତି
ପାଷାଣୀ ଅହଲ୍ଯା ଲୁହ ଅନ୍ତରାଳେ
ମୁକତିର ଜୟଗୀତି
ତୁମେ ଆକୁଳିତ କୁହୁଳା ମନରେ
ଆଶିଷର ବାରିଧାର
ତୁମେ ଗୁଣ୍ଡୁଚିର କଅଁଳ ପିଠିରେ
ଶରଧାର ତିନିଗାର....(୨)

" ସଂପର୍କ "
ସାରସ୍ୱତ ନଗର, ସିଦ୍ଧମହାବୀର, ପୁରୀ

# ଏତିକି ତ ମାଗି ପାରିବି...

ଆଶାଲତା ପାଣ୍ଡବ

ବେଳେ ବେଳେ ଭାବେ
ମାଗିବି ଯଦି ତୁମକୁ କଣ ବା ମାଗିବି?
ସବୁ ତ ଦେଇଛ ବୋଲି ମୁଁ ଏତେ ଖୁସିରେ ଅଛି...
କିନ୍ତୁ ଏବେ ଏବେ ତୁମ
ପରାଭବ ପାଖେ  ମୁଁ ପ୍ରତିହତ ହେଉଛି
ତୁମ ସାମର୍ଥ୍ୟ ଓ ବ୍ୟାପ୍ତିର ବିଶାଳତା ପାଖେ ମୋ'
ପଦପଦବୀ ତୁଚ୍ଛ
ଆଉ ତୁମ ଅଲୌକିକତାକୁ
ଅନୁଭବି ପାରୁନି ମୋ'
ନିରୋଳା ହୃଦୟରେ...
ମୋ' ଅହମିକାରେ କରାଳ ଅନ୍ଧାର
କିଟିମିଟି କଳା ଘୋଟିଯାଇଛି...
କାହିଁ ହଜିଗଲା ସେ ସୁନାଝରା ସକାଳ
ମଧୁର ପଣରେ ଆମୋଦିତ କରୁଥିବା
ଜହ୍ନ ସାଗରରେ ଭିଜାଉଥିବା
ମୋ' ପ୍ରିୟଜନର ପରଶ ଭରା ହାତ...
ଆକାଶକୁ ଆଡ଼ କରି ପଞ୍ଜୁରୀକୁ ଆବୋରି
ରାମନାମ ଜପିଲେ କି
ମିଳିଯିବ ମୁକ୍ତି?
ମନ ଚାହେଁ କେବଳ
ଚାରିପଟୁ ବହୁ ଖାଲି
ଅନାବିଳ ଶିରି ଶିରି ବାଆ
ଆତ୍ମୀୟତା ଫୁଟିଉଠୁ ପ୍ରତି ଅନ୍ତରରେ
ଅନ୍ଧାରର ହେଉ ଅବସାନ
ଏତିକି ତ ମାଗିପାରିବି
ତୁମକୁ ମୁଁ ଖାଲି...

ଭୁବନେଶ୍ୱର

# ଅନ୍ଧାରର ଅତୃପ୍ତ କାମନା

**ଜୟନ୍ତୀ ସ୍ୱାଇଁ**



ନିଜ ବାଟ ଭୁଲି ମୁଁ ଯେ
ପାଲଟିଲି ଅନ୍ୟ ପାଇଁ ବାଟ
ଆଜି କିନ୍ତୁ ଭାଙ୍ଗିଗଲା ମୋର
ମୋ' ହୃଦୟ ଲୁହାର କବାଟ...।।

ସମୟର ସାୟାହ୍ନରେ ଆଜି
ଝିଙ୍ଗାସନ୍ତି ପତ୍ନୀପୁତ୍ର, ପ୍ରିୟ ପରିଜନ
ସେଥିରୁ ନିସ୍ତାର ପାଇଁ ପାଲଟିଛି
ଆମ ଗାଁ ନଈପଠା ରାତିଅଧ ନିଃସଙ୍ଗ ପବନ...।।

ଆଲୋକର ଆବେଗକୁ ବୁଝିବ ବା କିଏ..!!
କିଏ ବୁଝେ ଅନ୍ଧାରର ଅତୃପ୍ତ କାମନା।
ସମସ୍ତେ ତ ନାୟକର ସଂଳାପ ବୁଝନ୍ତି
କିଏ ବୁଝେ ନାଟକର ଅନ୍ତର୍ଲିପି ମାନ?

ଦୁଃଖ ସବୁ କୁଆଡେ ଲୁଚନ୍ତି
ସୁଖ ସବୁ ହୁଅଇ ସ୍ମରଣ...
ଦୁଃଖ ସୁଖ ଲାଗେ ମୋତେ ଆଜି
ବରଫଠୁ ଶୀତଳ କଠିନ...।।

କାନ ଥାଇ ବଧିର ସମସ୍ତେ ଏଠି
ମନ ଥାଇ ସମସ୍ତେ ବିମନା...
ଏତିକି ମୁଁ ବୁଝୁଅଛି ଏବେ
ପାପ ମୋର ଶୀତଳ ଚନ୍ଦନ,
ଆଉ ପୁଣ୍ୟ ମୋର ଶୂନ୍ୟ ଆସ୍ଫାଳନ...।।

**ବରାଙ୍ଗ, ଅସ୍ତରଙ୍ଗ, ପୁରୀ**

# ଆଶାରେ ନିରାଶା

ନିରୁପମା ପାଣି

ଭାବିବା ସହଜ ସତେ
କହିବାଟା କଷ୍ଟ
ନୀରବ ରହିଲେ ହୁଏ
ଜୀବନଟା ନଷ୍ଟ ।।

ଦେଖିଥିବା ସପନ ଯେ
ସତ ହୁଏ ନାହିଁ
କୁହୁଳା ନିଆଁରେ ନିତି
ଜାଳି  ମାରୁଥାଇ ।।

କାହାପାଇଁ ପ୍ରେମ ଏଠି
ଶଯ୍ୟା ଗୋଲାପର
କାହାକୁ କନ୍ଦାଇ
ଶେଷେ କରେ ନାରଖାର ।।

ଶାଶ୍ୱତ ପ୍ରେମରେ ମିଳେ
ଯନ୍ତ୍ରଣା ଜହର
ପିଇପିଇ ଦିନଯାଏ
ବୁଝେନା ଅନ୍ତର ।।

ଚାନ୍ଦବାଲି, ଭଦ୍ରକ

# ଘର

ପ୍ରଜ୍ଞା ମହାନ୍ତି



ସୁସ୍ଥରେ ବଞ୍ଚିବା ପାଇଁ
ଘରଟିଏ ଲୋଡ଼ା
ଗଢ଼ିବାକୁ ନିଜର ଏକ ଘର
ଅଥୟ ହେଲା ମନ ମୋର
ଘର ଠିକ୍ ମଧୁର ମହୁଫେଣା ପରି
ସମ୍ମୋହିତ କରୁଥିଲା ବାରବାର।
ଘର ପାଇଁ ମଧୁମକ୍ଷୀ ହେଲି
ଇଟା ପଥର କାଠ ସିମେଣ୍ଟ ସଞ୍ଚିଲି
ଭୂଗୋଳ ଆଉ ଇତିହାସ ଖୋଜି
ଆକାର ପ୍ରକାର ହେଜି
ମାଟିକୁ କଂକ୍ରିଟ୍ କରି
ଘର ତୋଳିଦେଲି
ଏବେ ଘରେ ଘର ପରିବାର
ଆଉ ବାହାର ଘର କାନ୍ଥରେ
ଏକୁଟିଆ ଫଟୋଟିଏ ମୋର।

ମାତୃ ନିବାସ, ମାତୃ ବିହାର,
ବୁଢ଼ାରାଜା, ସମ୍ବଲପୁର



# ଜୀବନ ରେଖା

ରଞ୍ଜିତା ମିଶ୍ର

ଜୀବନଟା ନୁହେଁ ସରଳ ରେଖାଟେ
ସହଜରେ କାଟି ହେବ
ଗୋଟିଏ ବିନ୍ଦୁରୁ ଆରମ୍ଭ ହୋଇ ଯେ
ଅନ୍ୟଟିରେ ସରିଯିବ ।

ଜୀବନଟା ପରା ବକ୍ରରେଖା ସମ
ଖାଲ ଢିପ ଭରିଥିବ
ସୁଖ ଦୁଃଖ ଭରା ପୃଷ୍ଠଭୂମି ପରେ
ହସ ଲୁହ ଝରୁଥିବ ।

ଜୀବନଟା ଏକ ଏମିତି ନଈଟେ
ଦୁଇକୂଳ ଖାଉଥିବ
କେବେ ଡହଡହ ଶୁଷ୍କ ବାଲି ପରେ
ମରୁଟିଏ ସାଜୁଥିବ ।

କେବେ ସିଏ ଏକ ତୋଫା ଜହ୍ନରାତି
ଜୋଛନା ବିଛଉ ଥିବ
କେବେ ପୁଣି କଳା ଅନ୍ଧାର ରାତି ସେ
ବାଟୋଇ ବାଟ ଭୁଲିବ ।

ଶୀତ ସକାଳର କଅଁଳ ଖରାରେ
ଶିଶିର ବିନ୍ଦୁ ସାଜିବ
କେବେ ସେ ପାହାନ୍ତି କୁଆଁ ତାରାଟିଏ
ପ୍ରତ୍ୟୁଷେ ଉଭେଇ ଯିବ ।

ଜୀବନଟା କେବେ ମଳୟ ପବନେ
ଫୁଲପରି ଝୁମୁଥିବ
କାଳ ବୈଶାଖୀର କରାଳ ଚକ୍ରରେ
ଘୂର୍ଣ୍ଣିଝଡ଼େ ଘୂରୁଥିବ ।

ବଇଣ୍ଡା, ଅନୁଗୁଳ



# ନଉକା

ଆଶୁତୋଷ ମେହେର

ନଈ ଧାର ତେଜ ପାଣି ଗହିରତା
ନାଉରୀ ବାପୁଡା ଜାଣେ,
ଜୀବନ ସୁଅରେ ନଉକା ବାହିବା
ଅନୁଭବ ଭରା ପ୍ରାଣେ......||୦||

କାତ ବେଳେବେଳେ ଅକାତ ପାଣିରେ
ନିଃସହାୟ ଲାଗେ କେତେ,
ଆହୁଲା ସେଇଠି ଆଶା ତ' ଦେଖାଏ
ଅବସାଦ ଧୋଇ ସତେ
ପାଲ ଟାଣି ଧରି ପାଣିସୁଏ ଭାସେ
ଆଶା ଆଶଙ୍କାର ମନେ.....||୧||

ଭଉଁରୀ ଡରାଏ ଘୂରି ବୁଲୁ ଥାଏ
ବାଟ କରିଦେଇ ବଣା,
ଧାର କାଟି ତା'କୁ ମାଝି ପାରିକରେ
ତରିକା ତାହାକୁ ଜଣା
ଜୀବନ ତ ସେଇ ଲଢି ଜିତିବାର
ନିତିଦିନ ଅନୁପ୍ରାଣେ......||୨||

୫୪ ଆର୍ଯ୍ୟପଲ୍ଲୀ,
କିଟ୍ ଛକ, ପଟିଆ, ଭୁବନେଶ୍ୱର

# ଏ ମୀନାକ୍ଷୀ !

**ଦିବାକର ନାୟକ**



ତୁମେ ଶୋଉନ କି ଶୁଆଇ ଦେଉନ
ମୀନ ଆଖି ଏ ମୀନାକ୍ଷୀ
ହାତରେ ଟାଣୁନ ଓଠରେ କହୁନ
ଆଖିରେ ନେଉଛ ଡାକି..
ଏ ମୀନାକ୍ଷୀ.. ଏ ମୀନାକ୍ଷୀ (୦)

ଚଲାବାଟ ମୋର ତୁମ ପାଶେ ଶେଷ
ତୁମ ସରବତ ବଢ଼ାଏ ମୋ' ଶୋଷ;
ତୁମ ହାତ ଛୁଆଁ କୁହୁକ କୁହୁକ
ପାଗଳ କରଇ ତୁମରି ମହକ;

ନଈଠୁ ଚଗଲୀ କଇଁଠୁ ଛଇଲି
ବଗୁଲିଆ ତୁମ ଆଖି..
ତୁମେ ଶୋଉନ କି ଶୁଆଇ ଦେଉନ
ମୀନ ଆଖି ଏ ମୀନାକ୍ଷୀ
ଏ ମୀନାକ୍ଷୀ.. ଏ ମୀନାକ୍ଷୀ (୧)

ଆମ ଚାରି ଆଖି ଦୁଇ ଗୋଟି ରେଖା
ସେ ରେଖା ମଝିରେ କେତେ କଥା ଲେଖା;
କେଉଁ ଜନମରୁ ଏ ମଧୁର ଭାବ
ସବୁଦିନ ପାଇଁ ଏମିତି ହିଁ ଥିବ;

ତୁମରି ଆଖିର ଅଠାକାଠିରେ ମୋ
ହୃଦୟ ଯାଇଛି ଲାଖି..
ତୁମେ ଶୋଉନ କି ଶୁଆଇ ଦେଉନ
ମୀନ ଆଖି ଏ ମୀନାକ୍ଷୀ
ଏ ମୀନାକ୍ଷୀ.. ଏ ମୀନାକ୍ଷୀ (୨)

**ପାଟପୁର, କନିସି**
**ଗୋଳନ୍ଥରା, ଗଞ୍ଜାମ**

# ସମ୍ପର୍କ

ସୁନୀଲ ନାୟକ



ଦୁନିଆଟା ଆଜି କାହିଁ ଲାଗେ ସ୍ୱାର୍ଥପର
ଛଳନାର ସାଗରରେ କିଏ ବା ନିଜର,
ସମ୍ପର୍କର ମୂଲ୍ୟ ଏଠି କିଏ ବା ବୁଝୁଛି
ମିଛ ସଂସାରରେ ଖାଲି ଛଳନା କରୁଛି ।୧।

ପର ଦ୍ରବ୍ୟ ପର ଧନ ପର ଟଙ୍କା ଲୋଭ
ହରଣ କରିବା ପାଇଁ କପଟିଆ ଭାବ,
ସମ୍ପର୍କର ଦ୍ୱାହି ଦେଇ କୁଟିଳ ଚକ୍ରାନ୍ତ
ପ୍ରତାରଣା ଛଳନାରେ ସମ୍ପର୍କର ଅନ୍ତ ।୨।

ସମ୍ପର୍କ ଲାଗୁଛି କେବେ ନିଜଠୁ ନିଜର
କେବେ ପୁଣି ଲାଗେ ବିଷ ଜ୍ୱାଳାଠୁ ପ୍ରଖର,
ଅଦିନ କୁହୁଡ଼ି ପରି ସମ୍ପର୍କ ସାଜିଛି
ଏଇ ଅଛି ଏଇ ନାହିଁ କିଏ ବା ବୁଝିଛି ।୩।

ସ୍ୱାର୍ଥ ଥିଲେ ମଣିଷଟା ଲାଗୁଛି ନିଜର
ସ୍ୱାର୍ଥ ପରେ ଏଠି ଆଉ କିଏ ବା କାହାର,
ସମ୍ପର୍କର ମାନେ ଖାଲି ସିଏ ହିଁ ବୁଝିଛି
ନିସ୍ୱାର୍ଥରେ ଯଦି କେହି ଭଲ ହିଁ ପାଇଛି ।୪।

ଅସ୍ତରଙ୍ଗ, ପୁରୀ

# ହୃଦୟର ଭାଷା

ଲକ୍ଷ୍ମୀପ୍ରିୟା ମହାରଣା(ରାଧା)

ତୁମେ ମୋ' ଲେଖନୀ ତୁମେ ମୋ' କବିତା
ତୁମେ ମୋ' ହୃଦୟଭାଷା
ମୋ' ମନ ମନ୍ଦିର ହୃଦ ସିଂହାସନେ
ନିତ୍ୟ କରିଛ ଗୋ ବସା ।

ଯେତେ ଦୂରେ ଥିଲେ ମନ ଖୋଜେ ନିତି
ତୁମରି ସାନିଧ୍ୟ ପାଇଁ
ଶୟନେ ସପନେ ଅବା ଜାଗରଣେ
ଅହରହ ଝୁରେ ମୁହିଁ।

ବିଧିର ବିଧାନ ଥିଲା ତ ବିଚିତ୍ର
କରାଇ ଦେଲାନି ଏକ
କେଉଁ ପୂର୍ବ ଜନ୍ମ ପ୍ରାରବ୍ଧ ସମ୍ପର୍କ
ଆକର୍ଷିତ ଶକ୍ତି ଦେଖ ।

ତୁମ କଥା ସାଥି ପଡିଗଲେ ମନେ
ଶରୀରେ ଆସେ କମ୍ପନ
ଅଜଣା କମ୍ପନେ ଶିହରିତ ହୁଏ
ଯହିଁ ମୋର ତନୁ ମନ ।

ପାଇବାର ମୋହ ଯଦି ନାହିଁ ଅବା
ନାହିଁ ବା ଲାଳସା ଆଉ
କଥା ଦିଅ ତୁମେ ଛାଡିବନି ହାତ
ପୂରିବା ପୂର୍ବରୁ ଆୟୁ ।

ମନେ ହୁଏ ଆମେ ଦୁହେଁ ରହିଥିବା
ଜନ୍ମ ଜନ୍ମାନ୍ତର ପାଇଁ
ସ୍ମୃତିର ଫର୍ଦ୍ଦରେ ରହିବା ଗୋ ପ୍ରିୟ
କପୋତ କପୋତୀ ହୋଇ ।

ଧନୁପାଲି, ସମ୍ବଲପୁର

# ମରୁପଥ

**ଅଞ୍ଜଳି ଦାସ**



ଏମିତି ଏକ ସାଲିସ କରା ଜୀବନ
ବଂଚିବାରେ ସତେ ସ୍ୱାଦ ନାହିଁ
ଚତୁର୍ଦ୍ଦିଗେ ଖାଲି ଆବର୍ଜନା ସ୍ତୁପ
ମାନବ ସାଜୁଛି ରାକ୍ଷସ ରୂପ
ସ୍ନେହ ମମତାର ସୀମା ସରହଦ
ସବୁକିଛି ହେଲାଣି ଅନ୍ତ
ବିଶ୍ୱାସ /ଆତ୍ମିକ ଆବେଗ
ଏଠି ସବୁକିଛି ଅବିଶ୍ୱାସୀ
ସବୁକିଛି ଦେବାର ପ୍ରତିଶ୍ରୁତି
ମୃଗତୃଷ୍ଣା ପରି ଘୁଂଚି ଘୁଂଚି
ଏଠି କେହି ନୁହନ୍ତି କାହାର
ସବୁ ଶୂନ୍ୟ ଏଠି
ଆଖି ଖୋଲିଲେ କେବଳ
ଚାରିଆଡେ ବାଲି ଆଉ ବାଲି
ଇଏ ପରା ମରୁମୟ ପଥ
ଶୂନ୍ୟତାରେ ଭରପୁର ଯାହା
ମରୀଚିକାର ଅନ୍ତିମ ସ୍ତବକ

**ଅଷ୍ଟରଙ୍ଗ, ପୁରୀ**

# ହେ କାହ୍ନା !

ସୌଦାମିନୀ ସାହୁ

ତୁମେ ବାଉଥାଅ ମିଠାମିଠା ବଂଶୀ
ରାଧା ପାଇଁ ସବୁ ଯୁଗେ
ସେ ମଧୁର ସୁରେ ହଜିଯିବା ପାଇଁ
ଯମୁନା ଉଜାଣି ଭାଗେ ।
ପଞ୍ଚଜନ୍ୟ ଶଙ୍ଖ ବଜାଇଦିଅ ହେ
ଧର୍ମ ସଂସ୍ଥାପନା ପାଇଁ
ଅର୍ଜୁନ ରଥରେ ଆଉଥରେ ବସ
ଶ୍ରୀମୁଖେ ଶ୍ରୀଗୀତା ଗାଇ ।
ମୟୂର ଚନ୍ଦ୍ରିକା ପିନ୍ଧାଇ ଦିଅନ୍ତି
ଯଶୋଦା ଭାବନ୍ତ ଯଦି
ମିଠାଖଟା କୋଳି ଚାଖି ରଖନ୍ତି
ମୁଁ ଶବରୀ ଯେବେ ହୁଅନ୍ତି ।
ରାଧାପରି ମୁଁ ଯେ ସଜେଇ ହୁଅନ୍ତି
ତୁମ ବଂଶୀ ସୁରେ ହଜି
ତୁମ ପାଦେ ମୋର ପ୍ରାଣ ଚାଲିଯାନ୍ତା
ସଖା ସଖା ଭଜି ଭଜି ।

ସଫା, ଟାଙ୍ଗୀ, କଟକ

# ଲକ୍ଷ୍ୟପଥ

ରାଜେଶ କୁମାର ମୁଣ୍ଡ



ସତରେ
ତୁମ ସହ ବାଟ ଚାଲିବା ଖୁବ୍ କଷ୍ଟ ।
ହାତରେ ପୁଳାଏ ଖଦ୍ୟୋତ ଧରି
ସେଇ ଆଲୁଅରେ ଚଲେଇ ନଉଛ ଯେ
ବାଟ ସରୁନି ଆଉ ।

ଗୋଡ଼ିଟେ ମାଡ଼ିଲେ କହୁଚ
ପାହାଡ଼ଟେ ସାମ୍ନାରେ,
ବୁଦାଟେ ଦେଖି କହୁଚ
ଜଙ୍ଗଲ ଆସିଗଲା
ସାବଧାନରେ ଚାଲ ଏଥର ।
ଏଇଟା ବୁଢ଼ିଆଣି ଜାଲ ଧରି
ଜହ୍ନ ଆଲୁଅ ଧରିବା ନୁହଁ କି ?

ତଥାପି ଯେତିକି ବାଟ
ସାଙ୍ଗ ହେଇ ଆସିଲେବି
ବାଟ ସରୁନି ।
କାଇଁ ଆଗରୁ କହି ନ ଥିଲ ତ
ପଛକୁ ଅନାଇଲେ
ସେଇଠି ଛାଡ଼ିଦେବ ବୋଲି ?

ଯେମିତି ପଛକୁ ଅନାଇଛି
ଉଭାନ୍ ହେଇଗଲ ମଝି ରାସ୍ତାରୁ ।
ଲାଗୁଛି ଯେମିତି, ନକ୍ଷତ୍ର ସବୁ
ଛିଣ୍ଡିପଡୁଛନ୍ତି ବାଟ ସାରା ।

ଆଗକୁ ତ ଯାଇ ପାରିଲିନି ଆଉ
ବାଧହେଇ ଫେରୁଛି
ହେଲେ, ନା ତୁମର ପାଦଚିହ୍ନ
ଜଣା ପଡୁଛି, ନା ମୋର ।
ଯିବା ରାସ୍ତା ପରି
ଫେରିବା ରାସ୍ତା ବି ଏବେ ଅଜଣା ।

ଦେଖାଯାଉ,
ଯେମିତି ହେଲେ ବି ପହଂଚିବି ତ,
ସେଇ ଚିହ୍ନା ସ୍ଥାନରେ
ଯୋଉଠି ସମସ୍ତେ ଯାଆନ୍ତି ।।

ଧର୍ମଗଡ଼, କଳାହାଣ୍ଡି

# ଆଇସିୟୁରୁ ଫେରିଲା ପରେ

**ସନ୍ତୋଷ ପଟ୍ଟନାୟକ**



ତୁମେ ଥିଲବୋଲି ମୁଁ ସିନା ଫେରିଲି
ମୃତ୍ୟୁ ପାରିଲାନି ଛୁଇଁ ,
ହେ ପ୍ରିୟତମା  ! ତୁମ ପ୍ରେମ ସୁଧା
ସଂଜୀବନୀ ମୋହ ପାଇଁ  ।

ଛୋଟିଆ ଗାଆଁରେ ଛୋଟ ଅଗଣାରେ
ସଂଜ ଆସୁଥିଲା ନଇଁ
ପକ୍ଷୀ ଫେରୁଥିଲେ ନିଜ ନିଜ ନୀଡେ
ସନ୍ଧ୍ୟାତାରା ଥିଲା ଉଇଁ  ।

ଶୁଭ ମନାସିଲ ଚଉରା ମୂଳରେ
ସଂଜ ସଳିତା ଥୋଇ
ବହିଯାଉଥିଲା ନୟନରୁ ଅଶ୍ରୁ
ସତେକି ଶ୍ରାବଣ ନଈ  ।

ଠିଆ ହୋଇଥାନ୍ତି ଦାଣ୍ଡ ଦୁଆରେ ମୁଁ
ସେ ସୌଭାଗ୍ୟ ମୋର ନାହିଁ
ଉପହାର ଧରି ଲୁହ ଦୁଇଟୋପା
ତୁମରି ସ୍ୱାଗତ ପାଇଁ  ।

**ବାଲକାଟି, ଭୁବନେଶ୍ୱର**

# ଭୋକ

ସୁମିତା ବେହେରା ବାପି



ଶିଖେଇ ଦେ ମା'
ଭୋକର ତାତିକୁ
ଲିଭାନ୍ତି କେମିତି କିଏ ?
ତୁ ଗଲା-ପରଠୁ
ପୋଡ଼ା-ପେଟ ମୋର
ବୁଝୁନି କାହିଁକି ସିଏ ?

ନାନା ରକମର
ଖାଇବା ଦେଖୁଛି
ହୋଟେଲ ଟେବୁଲ୍ ପରେ,
ଭୋକ ମରିଗଲେ
ରାତି ଅଧଟାରେ
ମିଳୁଛି ଅଇଁଠା ଥରେ।

ଜାଡ଼-ରାତିରେ ନା
ଶୀତର ଦାଉରୁ
ତଥାପି, ମୁକୁଳି ପାରେ!
ପେଟର ଦାଉରୁ
ମୁକୁଳେ କେମିତି
ବୁଝେଇ ଦେଇଯା' ଥରେ।

ଉପଦେଶ କେତେ
ଦିଆ-ନିଆ ହୁଏ
ଟିଭି ଆଉ କାଗଜରେ
ସେଇ ବାବୁ ପୁଣି
ଚାବୁକ୍ ମାରନ୍ତି
କାନୁନ୍ ଆଢୁଆଳରେ।

ଶିଖି ଗଲିଣି ମୁଁ
କେତେ ଅଭିନୟ
ଲୁଚାଇ ପିଉଛି ଲୁହ,
କିଏ ଅଛି କହ
ବୁଝିବ ଆଜି ମୋ'
ଭୋକର ବିକଳ କୋହ?

ମୋ' ପାଇଁ ଏତିକି
କରନ୍ତୁନି ମାଆ
ଠାକୁର ପାଖରେ ଅଳି?
ଭୋକିଲା ପେଟରେ
କୋରଡ଼ା-ମାଡକୁ
ସହିଯାଆନ୍ତି ତୋ' ଭଳି ?

ଭୁବନେଶ୍ୱର

# ଖୁସି

ଗାୟତ୍ରୀ ବେହେରା



ସ୍ୱପ୍ନର ଇଲାକାରୁ
ଭାସି ଆସୁଥିବା
ଆମ୍ରିୟତାର ଶବ୍ଦଟିଏ,
ଜୀବନକୁ ମାପଚୁପ
କରିପାରିବାର ବଟକରାଟିଏ,
ନୟନର ଅଳିନ୍ଦରେ
ଚିକ୍ ଚିକ୍ କରୁଥିବା
ପ୍ରୀତିବର୍ଷି ମୋତିବିନ୍ଦୁଟିଏ,
ଓଷ୍ଠଧାରରୁ ଝରି ଆସୁଥିବା
ପୀୟୂଷର ଧାରାଟିଏ,
ହୃଦ ଅନ୍ତରୀକ୍ଷକୁ ରଙ୍ଗାଇ ଦେଇଥିବା
ସପ୍ତବର୍ଣ୍ଣ ଇନ୍ଦ୍ରଧନୁଟିଏ,
ମନ ଉପବନରେ
ଉଡି ବୁଲୁଥିବା
ରଙ୍ଗୀନ୍ ପ୍ରଜାପତିଟିଏ,
ଶିଶିର ଭିଜା ଘାସଗାଲିଚା ଉପରେ
ମନ୍ଥର ଗତିରେ ଚାଲୁଥିବା
ଲାଲ୍ ଟୁକୁଟୁକୁ ସାଧବ ବୋହୂଟିଏ,
ଚେତନାର ବାଦଲ ତଳୁ
ଉଙ୍କିମାରୁଥିବା ତଡିତ୍ ର
ଅଙ୍କବଙ୍କା ରେଖାଟିଏ,

ପ୍ରସ୍ତରର ଗହ୍ୱରରୁ
କୁଳୁକୁଳୁ ନାଦ କରି
ଝରି ଆସୁଥିବା ସରୁ ଝରଣାଟିଏ,
ଛାତିତଳ କୋହକୁ ଲୁଚାଇ
ନିଜକୁ ପରିପ୍ରକାଶ କରିବାର
ସୁନ୍ଦର ମାଧ୍ୟମଟିଏ,
କେଉଁଠି ତା' ଘର ?
ରାଜାଙ୍କ ଉଆସରେ ନା
ଜମିଦାରଙ୍କ କୋଠାରେ ?
ସୁଦୂର ଆକାଶରେ ନା ପୃଥିବୀରେ
ନା ପ୍ରକୃତିର କୋଳରେ ?
ପଞ୍ଚତାରକା ହୋଟେଲର
ଜିରୋ ଲାଇଟ ଡିନରରେ ନା
ଚନ୍ଦ୍ରାଲୋକର ଅଗଣାର
ଆମ୍ବଡେଙ୍ଗ ମିଶା
ସଜ ପଖାଳ କଂସାରେ,
ଖୋଜିଲେ ବି ମିଳେନା ତା'ର ସତ୍ତା,
ଚଳଚଞ୍ଚଳ ମନୁଆ ରାଜା ସେ,
କେତେବେଳେ ଦେଖାଦିଏ ତ
କେତେବେଳେ ପୁଣି ପାଖରୁ
ଖସିଯାଇ ଅଦୃଶ୍ୟ ହୋଇଯାଏ,

କିନ୍ତୁ ମନ କାରାଗାରରେ
ସେ ସର୍ବଦା ବନ୍ଦୀ,
ଚିନ୍ତା ଓ ଚେତନାକୁ
ଆଚ୍ଛନ୍ନ କରି ରଖିଥାଏ ସେ,
ହଁ, ସେ ହିଁ ତ
ଶିଶୁମନର ଉଡାଜାହାଜଟିଏ,
କୈଶୋରର ଚପଳତାରେ
ସାମିଲ ହୋଇଥିବା
ଅମାନିଆ ଭାବଟିଏ,
ଯୌବନର ଉଦ୍ଦାମତାରେ
ପ୍ରୀତିର ଝଲକଟିଏ,
ଅର୍ଦ୍ଧ ବୟସର
ଦାୟିତ୍ୱବାନ ହୃଦୟଟିଏ,
ବାର୍ଦ୍ଧକ୍ୟର ପୃଷ୍ଠଭୂମିରେ
ଉଦାରତାର ସୁନ୍ଦର କାହାଣୀଟିଏ,
ଆଉ ମୃତ୍ୟୁଶଯ୍ୟାର
ଅନ୍ତିମ ବେଳାରେ
ମୁଖରେ ଲାଖି ରହିଥିବା
ଚରମ ତୃପ୍ତିର ହସଟିଏ ।

କଟକ

# କପଟୀ ବସନ୍ତ



ସୁପ୍ତି କର

ସଂସାରର ସବୁ ସୁନ୍ଦରତାର
ଶ୍ରେୟ ତ ତୁ' ନେଲୁ
ମୋ' ଅନ୍ତରର ମହାର୍ଘ ପ୍ରେମ ଟିକ ବି
ତୋ' ନାଁରେ କରିବାକୁ ପଛାଇଲୁନି।
ମୋ' ଓଠର ରଙ୍ଗ
ମୋ' ଦେହର ବାସ୍ନା
ମୋ' ପୁଲକର ବିନ୍ଦୁ ବିନ୍ଦୁ ଆବେଗ
ତୁ' ତୋ' ନାଁରେ କଲୁ,
ବିରହବିଧୂରିତ ମୋ' ଯନ୍ତ୍ରଣାସବୁ
ବର୍ଷା ବୈଶାଖକୁ ଟେକି
ମୋ' ପ୍ରେମତକ ହଡ଼ପି ବସିଲୁ।
ମୋ' ପ୍ରଣୟର ରଙ୍ଗମାଖି୍ ଆସ୍ୱର୍ଦ୍ଧା କଲୁ,
ପ୍ରେମ ଋତୁ ବୋଲି, ଛାତି ଫୁଲାଇଲୁ।
ତୁ' କହିଲୁ?
ତୁ' ଆସିଲେ ହିଁ କଣ
ତୋ' ଅଣ୍ଟିରୁ କାଢ଼ି ପ୍ରେମବାଣ୍ଟୁ?
ମୋ' ହୃଦୟର ଶ୍ରଦ୍ଧା,
ନିଃଶ୍ୱାସରେ କ୍ଷଣକ୍ଷଣ ବହୁଥିବା
ସ୍ନେହର ପବନ, ସବୁକଣ ମୂଲ୍ୟହୀନ?
ମୁଁ କଣ ଖାଲି ଦେହଟିଏ, ନିଃସ୍ୱ ମନଟିଏ?
ଆଉ ତୁ' ମୋ' ପ୍ରେମର ଅୟୁତ ଯୁଗର ଆୟୁଷକୁ ଧରି
ପୂର୍ଣ୍ଣଗର୍ଭା ଅସ୍ତିତ୍ୱଟିଏ!
ପ୍ରେମ ଯେବେ ଢେଉଭାଙ୍ଗେ, ଲହଡ଼ିମାରେ
ଗୋତା ଲଗାଏ ମୋ' ହୃଦୟ ସମୁଦ୍ରରେ
ତେବେ ଫେଣଭଳି ଉକୁଟି ଆସୁ ତୁ'।
ଭାରି କପଟିଆ ସୁବିଧାବାଦୀ ତୁ' ବସନ୍ତ
ପଳାଶର ରଙ୍ଗମାଖି,
କୋଇଲିର କୁହୁତାନ ଓଠରେ ଧରି
ଭଉଁରାବଉଳର ଛାଇକୁ ଆଢୁଆଳ କରି
ତୁ' ଜବରଦଖଲ କରୁ ମୋ' ପ୍ରେମର ଇଲାକାରେ
ମୋ' ଜୀବନର ସବୁ ବସନ୍ତକୁ ତୋ' ନାଁରେ କରି
ସାରା ଦୁନିଆରେ ଡିଣ୍ଡିମପିଟୁ
ମଧୁମଳୟର ନିଶାରେ
ସଭିଙ୍କୁ ଆକ୍ରାନ୍ତ କରି
ତୁ' ବୋଲାଉ ପ୍ରେମଋତୁ
ହଁ...ତୁ' ବୋଲାଉ ପ୍ରେମଋତୁ।

ଜେ.ଏନ. ଲେନ
ଡେଲି ମାର୍କେଟ, ରାଉରକେଲା

# ତୁମେ

## ଅଭିଷେକ ମହାରଣା

ତୁମେ ସୁଶୋଭିତ ପ୍ରଣୟ ସୁମନ
ଜୀବନ ଯୋଜନଗନ୍ଧା
ବିଳାସିତ ସ୍ୱପ୍ନ ମାଧୁର୍ଯ୍ୟ ମୁହୂର୍ତ୍ତ
ବାସ୍ନାୟିତ ନିଶିଗନ୍ଧା
ତୁମେ ସେଇ ମଧୁଛନ୍ଦା
ଯା' ପାଇଁ ଏ ହୃଦ ତିକ୍ତତିକ୍ତ ଆଜ
ବୟସର ଶେଷ ସଂଧ୍ୟା ।।

ଜ୍ୟୋସ୍ନା-ବିଧୌତ ପୂର୍ଣ୍ଣମୀ ଚମକ
ତନ୍ମୟର ତନୁତୀର୍ଥ
ଯହିଁ ଅଭିଳାଷ ଆଶାରେ ନିଅଣ୍ଟ
ପାଇବାରେ ନାହିଁ ସର୍ତ୍ତ
ଏଇ ସତ ନାହିଁ ସ୍ୱାର୍ଥ
ତୁମେ ଏକା ସେଇ ପ୍ରଣୟ ସୁଧାରେ
ବିରହର ଏକ ଅର୍ଥ ।।

ଭାଗ୍ୟ ଓ ଭାଗର କପାଳ ଲିଖନ
ପ୍ରାରବ୍ଧର ପୁଣ୍ୟ ଲେପି
ବିହି ଭୋଗେଇଲା ପୁଣ୍ୟଫଳ ଯେତେ
ପ୍ରଣୟରେ ତାହା ମାପି
ପ୍ରେମ ଆମ ଆତ୍ମଲିପି
ତୁମେ ଏକା ସେଇ ଅତୀତ ଅସ୍ଥିରେ
ମୋ ପ୍ରେମର ଶିଳାଲିପି ।।

ନନ୍ଦ ରତନ ଇଞ୍ଜିନିୟରିଂ ୱାର୍କ ପ୍ରାଇଭେଟ୍ ଲିମିଟେଡ୍
ଗୁଜୁରାଟ

# ମୁଁ ସବଳା ନୁହେଁ ଦୁର୍ବଳା

ପ୍ରତିମା ମହାରଣା



ମୁଁ ସବଳା ନୁହେଁ ଦୁର୍ବଳା
ମୁଁ ଆଜିର ନାରୀ
ମୋ' ପଲାଟି ନୁହେଁ ସମାନ
ମୋ' ପଲାଟି ଭାରି ।।

ଚାରି ଯୁଗରେ ମୋ' ପ୍ରଶଂସା
ଗାଏ ସଂସାର ଆଜି
ମୁଁ ନ ଥିଲେ ସାରା ସଂସାର
ହୁଅଇ ବରବାଦୀ ।।

ରୂପ ଗୁଣରେ ମୁଁ ମୋହିନୀ
ତ୍ୟାଗରେ ମୁଁ ଅଟଳା
ଜନନୀ ଜାୟା ଭଗିନୀ ନାମେ
ସଂସାରେ ରଚେ ଲୀଳା ।।

ମୁଁ ଭବାନୀ ମୁଁ ଶିବାନୀ
ମୁଁ ସିଂହବାହିନୀ
ଅସୁର ମାରି ଦେବତା ପାଳି
ନ କରେ ସୃଷ୍ଟି ହାନି ।।

ବାପା ଘରର ମୁଁ ଗେଲେଇ
ଶାଶୁଘରେ ମୁଁ ରାଣୀ
ସେବାରେ ମୁଁ ପାଏ ଆନନ୍ଦ
ନ ରଖି ମନେ ଗ୍ଲାନି ।।

ମୋ' ହୃଦୟ ଅଟେ ବିଶାଳ
ସଭିଙ୍କୁ ପାଏ ଭଲ
ପାପୀକୁ ମୁଁ ଦିଅଇ କ୍ଷମା
କିଏ ହେବ ମୋ' ତୁଲ ।।

ପତିକୁ ମୁଁ ମାନେ ଈଶ୍ୱର
ଶୁଭ ମନାସେ ନିତି
ପରିବାରର ଉନ୍ନତି ପାଇଁ
ଦେଖାଏ କରାମତି ।।

ମୁଁ ପାଠୋଇ ମୁଁ ସଂସ୍କାରି
ମୋ' ସନ୍ତାନ ଜ୍ଞାନୀ
ଜ୍ଞାନ ପ୍ରଦାନେ ନ କରେ ହେଳା
ନ କରେ ବେଇମାନି ।।

ମୋ' ସମ୍ମାନ ସୃଷ୍ଟି ସମ୍ମାନ
ଏ କଥା ମନେ ହେଜ
ମହିଳା ବୋଲି ନ କର ହୀନ
ମୁଁ ହିଁ ସୃଷ୍ଟି ବୀଜ ।।

ସ୍ୱାର୍ଥକୁ ସର୍ବେ ଦିଅ ଆହୁତି
ନାରୀକୁ ପାଅ ଭଲ
ନାରୀକୁ ଦିଅ ଯଥା ସମ୍ମାନ
ହୃଦୟେ ରଖି ଗେଲ ।।

ମୋ' କଥାଟି ରଖି ମନରେ
କରିବ ଯଦି କର୍ମ
ମାଆ ମାଟିର ହେବ ସୁରକ୍ଷା
ଦେଶ ହୋଇବ ଧନ୍ୟ ।।

କୋରାପୁଟ

# ମୁଁ ଏମିତିକା ଜଣେ



**ଚପଳା ପଣ୍ଡା**

ମୁଁ ଏମିତି ଗୋଟିଏ ନଈ
କୁଳୁ କୁଳୁ ଗୀତ ଗାଇ
   ସାଗର ଛୁଇଁବି ଆଶା କରିଥିଲି
ପାହାଡ଼ ଆସିଲା ଧାଇଁ।

ମୁଁ ଏମିତି ଗୋଟିଏ କଇଁ
ରହିଥିଲି ଚାନ୍ଦ ଚାହିଁ
   ଅଦିନ ବର୍ଷାରେ ମେଘ ଢାଙ୍କେ ଜହ୍ନ
ଉଆଁସ ଭାବନା ଦେଇ।

ମୁଁ ଏମିତି ଗୋଟିଏ ବହି
ପାଠକେ ଛୁଅଁନ୍ତି ନାହିଁ
   ପୃଷ୍ଠା ପରେ ପୃଷ୍ଠା ଓଲଟି ଯାଉନି
ଚରିଯାଏ ଯାହା ଉଇ।

ମୁଁ ଏମିତି ଗୋଟିଏ ଛାଇ
ଦେହକୁ ଛୁଇଁବା ପାଇଁ
   ହାତ ବଢ଼େଇଲେ ଘୁଞ୍ଚିଯାଏ ଦେହ
ଖରା ଲୁଚି ହସୁଥାଇ।

ମୁଁ ଏମିତିକା ଗୋଟେ ଜାଈ
ଅଶରୀରୀ ଆତ୍ମା ପାଇ
   ଚିଲିକା କୂଳରେ ଘୂରି ବୁଲୁଅଛି
କୁଆଁରୀ ଭାବନା ଥୋଇ।

ମୁଁ ଏମିତିକା ଜଣେ ରାଈ
କୃଷ୍ଣ ପ୍ରେମେ ହେଲି ବାଇ
   ଅଷ୍ଟ ପାଟରାଣୀ ବହୁତ ଦୂରରେ
ହେଲି ନାହିଁ ମୀରାବାଈ।

ନଈ, କଇଁ, ବହି, ଛାଇ
ହୋଇପାରେ ଜାଈ, ରାଈ
   ଯେଉଁ ଡାଳ ଧରେ ସେ ଡାଳ ଛିଣ୍ଡୁଛି
ଧିକ ଜନ୍ମ ଭାଗ୍ୟ ନେଇ।

ଖୋର୍ଦ୍ଧା

# ଯୋଷୀ ମଠ

**ଅକ୍ଷୟ ମହାନ୍ତି**



ଶଙ୍କରାଚାର୍ଯ୍ୟଙ୍କ ପ୍ରତିଷ୍ଠିତ ମଠ
ଯୋଷୀ ମଠ ତା'ର ନାଆଁ
ସମୁଦ୍ର ପତନୁ ଦେଢଶ' ମିଟର
ସେ ଥିଲା ଚାମୋଲି ଗାଆଁ।

ଉତ୍ତରାଖଣ୍ଡରେ ଅବସ୍ଥିତ ଇଏ
ମଠ ଓ ମନ୍ଦିର ବହୁ
ବରଫ ଆବୃତ ନଭଶ୍ଚୁମ୍ବୀ ଗିରି
ଆଖିଠାରେ କହୁ କହୁ।

ଲକ୍ଷ୍ମୀନାରାୟଣ ମନ୍ଦିର ରହିଛି
ଉଡ଼େ ବଦ୍ରିନାଥ ଧ୍ୱଜା
ବରଫ ଆବୃତ୍ତ ହୋଇଯାଏ ଯେବେ
ତଳକୁ ଆସନ୍ତି ରଜା।

ପାଦ ଦେଶେ ଅଛି ନୃସିଂହ ମନ୍ଦିର
ସେଠାରେ ରହନ୍ତି ସିଏ
ଥଣ୍ଡା କମିଗଲେ ନିଜ ସ୍ଥାନେ ଯା'ନ୍ତି
ତାଙ୍କୁ ବା ରୋକିବ କିଏ???

ତପୋବନ ପୁଣି ରହିଛି ଏଠାରେ
ରୁଦ୍ରାକ୍ଷ ଗଛ ବି ଅଛି
ସେ ଦେବ ଫଳକୁ ଆମଦାନୀ କରି
ମାଳା ଗୁନ୍ଥା ହେଉଅଛି।

କଳ୍ପବୃକ୍ଷ ଅଛି ବର୍ଷଯାକ ତାହା
ସବୁଜ ହିଁ ଦେଖାଯାଏ
ସବୁଜ ପତ୍ରରେ ଭରପୁର ହୋଇ
ନିତି ଶୋଭା ପାଉଥାଏ।

ବରଫ ଆବୃତ୍ତ ବଦ୍ରିନାଥ ଠାରେ
ଉଷ୍ଣ ପ୍ରସ୍ରବଣ ଅଛି
ଉଷ୍ଣ ଜଳତହୁଁ ଦିବସ ରଜନୀ
ନିର୍ଗତ ହିଁ ହେଉଅଛି।

ସେ ଜଳରେ ଯଦି ସ୍ନାନ କରାଯାଏ
ଚର୍ମ ରୋଗ ନଷ୍ଟ ହୁଏ
ବହୁ ଚର୍ମ ରୋଗୀ ଧାଡି ବାନ୍ଧିଥା'ନ୍ତି
ଉଷ୍ଣ ଜଳ ମିଳିଯାଏ।

ବ୍ରହ୍ମ ଶିଳା ତହିଁ ରହିଛି ସେଠାରେ
ଶ୍ରାଦ୍ଧ ତହିଁ କରାଯାଏ
ଶ୍ରାଦ୍ଧ ଦେଲେ ତହିଁ ସପ୍ତ ପୁରୁଷଙ୍କ
ଉଦ୍ଧାର ବି ହୋଇଯାଏ।

ବହୁ ଘରଦ୍ୱାର ରହିଛି ଏଠାରେ
ପର୍ଯ୍ୟଟକ ରହିଥାନ୍ତି
ସୂର୍ଯ୍ୟୋଦୟ ଆଉ ସୂର୍ଯ୍ୟାସ୍ତ ବେଳାରେ
ଉପଭୋଗ କରିଥାନ୍ତି।

ବରଫ ଉପରେ ସୁନେଲି କିରଣ
ଉପଭୋଗ୍ୟ ହୋଇଥାଏ
ଚନ୍ଦ୍ର କିରଣରେ ବରଫର ରୂପ
ଝଲମଲ କରୁଥାଏ।

ପ୍ରକୃତି ପ୍ରକୋପ ଅତି ଭୟଙ୍କର
ଭୂସ୍ଖଳନ ହେଉଅଛି
ଧୀରେ ଧୀରେ ସେହି ଶୋଭାର ପସରା
ଧୂଳିସାତ୍ ହେଉଅଛି।

# କିଛି ରହିଗଲା ବାକି

ନଳିନୀପ୍ରଭା ମିଶ୍ର

ସରି ତ! ନଥିଲା ଆମ ବାର୍ତ୍ତାଳାପ
ସମୟ କହିଲା ଡାକି
ଅକୁହା କଥା ମୋ' ମନ ତଳେ ଚାପି
କିଛି ରହିଗଲା ବାକି।
ଭାରି ମୂଲ୍ୟବାନ ଆମ ପାଇଁ
ଥିଲା ମୁହୂର୍ତ୍ତର ଉପସ୍ଥିତ
ଅନେକ ଦିନର ଅବ୍ୟକ୍ତ ବେଦନା
ବିନିମୟେ ହେବ ବ୍ୟକ୍ତ
ସମୟଟା କିନ୍ତୁ ବଡ଼ ନିଦାରୁଣ
ଅଟକି ସେ ରହିଲା କି?
ସରି ତ ! ନଥିଲା----------।
ତୁମେ ଆସିଥିଲ ବହୁଦିନ ପରେ
ପ୍ରତିଶ୍ରୁତି କରି ରକ୍ଷା
ବିଜନ ବେଳାରେ ଆଙ୍କି ହୋଇଥିଲା
ଆମରି ମିଳନ ରେଖା
ଶୁଣାଉ ଥିଲା ସେ ଝାଉଁବଣ ସ୍ୱର
ବେଳାଭୂମି ଥିଲା ସାକ୍ଷୀ
ସରି ତ! ନ ଥିଲା-----------।
ଅକୁହା କଥାଟି ଏମିତି ଯେ ଏକ
ସହଜରେ ନୁହେଁ କହି
ମରମ ବେଦନା ମନ ତଳେ ଚାପି
ନୀରବରେ ହୁଏ ଦହି
ବିଦାୟୀ ବେଳାର କରୁଣ ମୁହୂର୍ତ୍ତ
ମାନସରେ ଯାଏ ଲେଖି
ସରି ତ! ନ ଥିଲା -----------।

ମୁକୁନ୍ଦପୁର, ଆସ୍କା, ଗଞ୍ଜାମ



# ରାସ୍ତା

**ବିମଳା ସିଂହ**

ରାସ୍ତା ତ ଅନେକ ଦୂର
କାହିଁ କେଉଁ ଅନାଦି କାଳରୁ
ଯୁଗ ପରେ ଯୁଗ
ଲମ୍ବିଛି ଯେ ଲମ୍ବିଛି
ମାଟିରୁ ଆକାଶ
ଆକାଶରୁ ମାଟି
ଖାଲି ଢିପ ଅଙ୍କାବଙ୍କା
ବନ୍ଧୁର ଶିଳାର
ଅନେକ ଭଗ୍ନାଂଶରେ
କେତେ ରୂପରେ, କେତେ ପରିପାଟୀରେ ........
ହେଲେ ଏ ରାସ୍ତା
ଏମିତି ସେମିତି ରାସ୍ତା ନୁହେଁ
ଜନ୍ମରୁ ମୃତ୍ୟୁ ଯାଏ
ବିଚିତ୍ର ତନ୍ମୟତାର
ଅଦୃଶ୍ୟ ଅନୁଭବର
ଆସିବା ଯିବାର ଅଭିନୟ ଭିତରେ
କେତେ ମହଲତ, କେତେ ଅହଂକାର
କେତେ ତ୍ୟାଗ, କେତେ ପାପ, କେତେ ପୁଣ୍ୟ .......
ଆଉ,
ନାନାବାୟା ଗୀତର ଛନ୍ଦରେ
ଈଶ୍ୱରୀୟ ଚେତନାର ସ୍ୱରରେ
ଶିଳ୍ପୀର ତୁଳୀରେ
କବିର କବିତାରେ
ପୁଷ୍ପିତ ବିଧୂର ବସନ୍ତର ଗୀତରେ
ଏ ରାସ୍ତା ଧିରେ ଧିରେ ଖୋଲିଯାଏ
ଓଙ୍କାର ଧ୍ୱନିରେ
ଗହଗହ ବାସ୍ନାରେ
ପ୍ରାଣପକ୍ଷୀ ଚାହିଁ ରହେ
ଅମୁହାଁ ଦେଉଳକୁ
ଚିର ଶାଶ୍ୱତ, ଚିର ସତ୍ୟ
ସେଇ ଅଫେରା ରାସ୍ତାକୁ .......
କର୍ମ ଫଳ ଖାଇଖାଇ
ଜୀବନର ଗୀତ ଗାଇଗାଇ
"ହରି ନାମ ସତ୍ୟ ହେ,
ରାମ ନାମ ସତ୍ୟ ହେ"
ଉଚ୍ଚାରି ଉଚ୍ଚାରି ......

ସମ୍ପାଦିକା "ଗୋଧୂଳି"



# ବନ୍ଧୁତା

ଆରତୀ ପ୍ରହରାଜ

ଜୀବନ ଡୋ଼ରିରେ ବନ୍ଧାଥିବ ଯଦି ଉତ୍ତମ ବାନ୍ଧବଟିଏ
ସୁଖ ଦୁଃଖ ଆଉ ଅନୁଭବ ବାଣ୍ଟି ସମୟଟା ବିତିଯାଏ ।
ନିଆରା ସମ୍ପର୍କ ଅଟେ ଏ ବନ୍ଧୁତା
ଅପୂର୍ବ ଫୁଲ ମହକ
ହସଲୁହ ଆଉ ବୁଝାଅବୁଝାର
ଛାଇଛିଟାର ପ୍ରତୀକ
ରାଗରୋଷ ଆଉ ମାନଅଭିମାନ ଆସି ପୁଣି ଚାଲିଯାଏ
ସ୍ୱାର୍ଥପରତାର ଦୂରରେ ରହିକି ସମ୍ପର୍କକୁ ଯୋଡିଦିଏ।
କୃଷ୍ଣ ସୁଦାମାଙ୍କ ସ୍ନେହର ବନ୍ଧନ
ଅମୂଲ୍ୟ ତାହାଙ୍କ ପ୍ରେମ
ଉଚ୍ଚ ନୀଚ ଆଉ ଧନୀ ଗରିବରେ
ହୁଏନା ବନ୍ଧୁତା କ୍ଷୁର୍ଣ୍ଣ
ସଚ୍ଚୋଟ ବନ୍ଧୁତା ଆଇନାର ବିମ୍ବ ଦୂରତା ହୁଏନା ବାଧା
ଲୁହ ପୋଛିଦେଇ ସମାଧାନ ଥୋଇ ଦୂର କରେ ଅସୁବିଧା ।
ଭଲ ବନ୍ଧୁଟିଏ ଥାଏ ଯାହା ପାଖେ
ସେଇ ହିଁ ତ ଭାଗ୍ୟବାନ
ସାଥି ନୁହେଁ ସେ ତ ଜୀବନ ସାରଥୀ
ନୀଳ ଆକାଶରେ ଜହ୍ନ ।
ଜୀବନରେ କେବେ ହରାଅନା ଭାଇ ସେ ସ୍ନେହ ସେଇ ମମତା
ସବୁ କିଛି ଥାଏ ଲୁକ୍କାୟିତ ହୋଇ
ଥିଲେ ପରମ ବନ୍ଧୁତା।

ଭୁବନେଶ୍ୱର



# ସେତୁ ପ୍ରତିଷ୍ଠା (ରାଗ-କଳହଂସକେଦାର)

**ସୁରେଶ ଚନ୍ଦ୍ର ରଥ**

ବ୍ରାହ୍ମଣ ମଧ୍ୟେ ଶ୍ରେଷ୍ଠ 'ରାବଣ ବିପ୍ର'
ବିଶ୍ରବା, ଅସୁରୁଣୀ ପ୍ରଥମ ପୁତ୍ର ଯେ
ମାତା ରାକ୍ଷସୀ ତା'ର ନାମ କେକଶୀ
ଅନ୍ୟାୟୀ ଅତ୍ୟାଚାରୀ ବଡ଼ ଦୁର୍ଦ୍ଧର୍ଷୀ ଯେ
ଧନପତି କୁବେରଙ୍କୁ ପରିତ୍ୟାଗ
ରାକ୍ଷସୀ ପ୍ରକୃତିର କ୍ରୁର ସ୍ୱଭାବ ଯେ
ରାବଣ କୁମ୍ଭକର୍ଣ୍ଣ ଓ ବିଭୀଷଣ
କୁରୂପା ସୂପର୍ଣ୍ଣଖା କନ୍ୟାଟି ଜାଣ ଯେ
ଦୁର୍ମତି ଦୁଶ୍ଚରିତ୍ର ସେ ଦଶାନନ
ଇନ୍ଦ୍ରଜିତ ବଳ ଯୋଗୁଁ ବଳୀୟାନ ଯେ
ବିଶ୍ରବା ତପସ୍ୱୀଙ୍କ ଦୁର୍ବୃତ୍ତ ମଣି
ବ୍ରାହ୍ମଣ୍ୟ କର୍ମେ ଶ୍ରେଷ୍ଠ ସେ ସର୍ବଜ୍ଞାନୀ ଯେ
ନୀତି ନିପୁଣ ନ୍ୟାୟବାନ ଧାର୍ମିକ
ପୂରୁବେ ଲଭିଥିଲା ମାତାଙ୍କ ଶାପ ଯେ
ଶ୍ରୀହରି ଦାଶରଥି ଦିବ୍ୟ ଚକ୍ଷୁରେ
ଜାଣିଲେ ନିଶ୍ଚେ ଜୟ ସତ୍ୟଯୁଗରେ ଯେ
ସେତୁ ପ୍ରତିଷ୍ଠା ପାଇଁ ସେ ଉପଯୁକ୍ତ
ଧର୍ମ କାର୍ଯ୍ୟେ ବିଳମ୍ବ ନୁହେଁ ଉଚିତ ଯେ
ଶ୍ରୀରାମ ନିମନ୍ତ୍ରଣେ ଆନନ୍ଦ ମନେ
ପୁରୋହିତ ରାବଣ ଚଳେ ତତ୍କ୍ଷଣେ ଯେ
ବିଧିବିଧାନ ମତେ ସେତୁ ପ୍ରତିଷ୍ଠା
ଦଶଗ୍ରୀବ ଜାଣଇ ବିଷ୍ଣୁଙ୍କ ନିଷ୍ଠା ଯେ
ଅଭିଶାପରୁ ମୁକ୍ତି ସମୟ ଆସେ
ବିଂଶବାହୁ ସଗର୍ବେ ହୃଦୟେ ହସେ ଯେ
ପ୍ରତିଷ୍ଠା କାର୍ଯ୍ୟ ଶେଷେ ଆଶୀର୍ବଚନ
ସିଦ୍ଧିରସ୍ତୁ ଭବତୁ ହେ ଯଜମାନ ଯେ
ମନବାଞ୍ଛା ଅବଶ୍ୟ ସଫଳ ହେବ
ବ୍ରାହ୍ମଣର ବଚନ ମିଥ୍ୟା ନୋହିବ ଯେ।

**ଜଟଣୀ, ଖୋର୍ଦ୍ଧା**

# ବର୍ଷା ଗୋ' ତୁମେ ଆସ

ଶ୍ରୀ ଲୋକନାଥ ମିଶ୍ର (ଭରଦ୍ୱାଜ)

ବର୍ଷା ଗୋ ତୁମେ ଆସ,
ଦେଶବାସୀ ସର୍ବେ କରୁଛନ୍ତୁ ସ୍ୱାଗତ
ଗାଇ ମାଙ୍ଗଳିକ ଅଭ୍ୟର୍ଥନା ଗୀତ
ହୁଅ ଗୋ ସଦୟ, ଦିଅ ବରାଭୟ
ନକର ଆଉ ନିରାଶ।
ବର୍ଷା ଗୋ ତୁମେ ଆସ ।।୧।।
ରିମ୍ ଝିମ୍ ତୁମ ନୂପୁର ଛନ୍ଦେ,
ଢାଳିଦିଅ ବାରି ମଧୁର ଗନ୍ଧେ
ବନ ବିଥିକାର ମଲ୍ଲୀ ଯୁଥିକାରେ
ଛୁଟାଇ ସୁରଭୀ ବାସ।
ବର୍ଷା ଗୋ ତୁମେ ଆସ ।।୨।।
ଝଡ଼ ବରଷାର ସାନ୍ଦ୍ର ବାଦଲ
ମନ୍ଦ୍ର ମାଦଲ ତାଳେ।
ଦେବ ଦୁନ୍ଦୁଭି ବାଇ ଭରିଦିଅ
ଅତୃପ୍ତ ଧରଣୀ କୋଳେ
ସବୁଜ ଶ୍ୟାମଳ କ୍ଷେତ୍ରେ ଲହରାଇ
ମନ ମୁଗ୍ଧକର ଲାସ୍ୟ।
ବର୍ଷା ଗୋ ତୁମେ ଆସ ।।୩।।

ଉପବନେ କଳି କୁସୁମ ସଜାଅ,
ମୟୁର ମୟୁରୀ ନୃତ୍ୟେ ମଜାଅ।
ପ୍ରଜାପତି ମଧୁମକ୍ଷିକା ଅଳିରେ,
ଉଲ୍ଲା କରାଅ ଚୁମ୍ବନ୍ତି କଳିରେ,
ଶ୍ୟାମଳ କେଦାରେ କୃଷକ ପ୍ରାଣରେ
ଭରି ତୃପ୍ତିର ହାସ।
ବର୍ଷା ଗୋ ତୁମେ ଆସ ।।୪।।
ବିରହ ବ୍ୟଥାରେ ବ୍ୟଥିତ ଅନ୍ତରେ
ଘାରି ହୁଏ ନବ ବଧୂ,
ସାଜେ ବିରହିଣୀ, ପ୍ରିୟ କଥା ଗୁଣି
ଦୂରେ ତାର ପ୍ରାଣ ବନ୍ଧୁ।
ଅନ୍ତରେ ତାହାର ପ୍ରେମର ସଞ୍ଚାର
କରିଦିଅ ପ୍ରୀତି ଭାଷ।
ବର୍ଷା ଗୋ ତୁମେ ଆସ।।୫।।
ବର୍ଷା ଗୋ ତୁମେ ଆସିବନି ସାଜି
ବନ୍ୟା ପ୍ରଳୟଙ୍କରୀ
ଧ୍ୱଂସର ତାଣ୍ଡବ କରିବନି ସୃଷ୍ଟି
ମହାକାଳ ରୂପ ଧରି
କରିବନି ନାଶ କୃଷକର ବଂଶ
ଜୀବନ ତାହାର ଚାଷ
ବର୍ଷା ଗୋ ତୁମେ ଆସ।
ବର୍ଷା ଗୋ ତୁମେ ଆସ।।୬।।

# କନ୍ୟା କଲ୍ୟାଣୀ



**ଜ୍ୟୋତି ପ୍ରଭା ପଟ୍ଟନାୟକ**

ପାଟି ତା'ର ଫିଟିନାହିଁ
କାନ୍ଦେ କୁଆଁ କୁଆଁ
    ନିରୀହ ଚାହାଣି ତୋଳି
    ଡାକେ ମାଆ ମାଆ
କନ୍ୟା ବୋଲି ଭାବି ମୋତେ
କୋଳକୁ ନେବନି ସତେ
    ତୁମ ପାଇଁ ଦେଖିଲି ମୁଁ
    ଆଲୋକର ବନ୍ୟା

ମୋତେ ଛାଡ଼ି ଯିବନାହିଁ
କେଉଁ ଆଡେ ତୁମେ
    ତୁମେ ତ ସାହାରା ମୋର
    ଏହି ମର୍ତ୍ତ୍ୟ ଭୂମେ
ଅମୃତ ଦେଇ ମାଆ
ମୋତେ ବଡ଼ କରି ଦିଅ
    ତୁମ ନାଁ ରଖିବି ମୁଁ
    କହେ ସୁନା ଝିଅ

କେବଳ ମାଆ ମୋତେ
ତୁମ ଆଶୀର୍ବାଦ ଲୋଡ଼ା
    ସମାଜ ବଡ଼ ଦାଣ୍ଡରେ
    ହେବି ଦିନେ ଛିଡା
ଗଢିବି, ଲଢ଼ିବି, ଉଡିବି
ହେବି ଜଗତ ଜିତା
    ଶିଶୁକନ୍ୟାର ଅଧିକାର
    ଦିଅ ତା'କୁ ମାତା

କନ୍ୟା ଅଟଇ ଦୁହିତା
ଦୁଇ କୁଳ ପାଇଁ
    ରଖି ସେ ମାନ ମର୍ଯ୍ୟାଦା
    ପାଦ ଆଗକୁ ବଢ଼ାଇ
ସଯତ୍ନେ ବଢ଼ାଅ, ପଢ଼ାଅ
ଆଗକୁ ଯିବାକୁ ଦିଅ
    ଜନନୀ, ଭଗିନୀ ଜାୟା
    ଆଉ କନ୍ୟା ପାଇଁ କୁହ ଜୟ ଜୟ

ସେହି କନ୍ୟା ହେବ ଦିନେ
ସୀତା, ସାବିତ୍ରୀ, ଲକ୍ଷ୍ମୀବାଇ
    ସେହି କନ୍ୟା ଗୃହଲକ୍ଷ୍ମୀ
    ଖାଦ୍ୟ ପରଷଇ
କଥା ଦିଅ ମାଆ ମୋତେ
କରିବନି ଅଣହେଳା
    କନ୍ୟା ଥିଲ ତୁମେ ଦିନେ
    ଏ କଥା କି ନାହିଁ ମନେ

ସମାଜର ବଡ଼ ପଣ୍ଡା
ମାନେ ଦେଖୁଥିବେ
    କନ୍ୟାସୁନା ହତାଦର
    କେବେ ନ କରିବେ
ସେହି କନ୍ୟା ହେବ ଦିନେ
ଶାମୁକାର ମୋତି
    ଗଢ଼ିବ ସୁନା ସଂସାର
    ତାକୁ ଆମେ ରଖିବା ସାଇତି

ଖୋର୍ଦ୍ଧା



# ଜୀବନ

**ସୂର୍ଯ୍ୟକାନ୍ତି ଦାଶ**

ଲୋଭ, କାମ, କ୍ରୋଧ
ଇର୍ଷା, ଅହଂକାର
ଜୀବନେ ଭରଇ ଦୁଃଖ,
ଏକଥାକୁ ବୁଝି
ଆଳସ୍ୟ ଛାଡିଲେ
ମିଳଇ ପରମସୁଖ ।
ସ୍ୱର୍ଣ୍ଣକୁ ଅଗ୍ନିରେ
ତପତ କରିଲେ
ଗହଣାର ରୂପ ନିଏ,
ସଂଘର୍ଷ କଷ୍ଟକୁ
ଆଦରି ପାରିଲେ
ସଫଳତା ମିଳିଯାଏ ।
ଆଶା ପିରାମିଡ଼
ସ୍ୱପ୍ନରେ ଆଙ୍କିବା
ଉପଲବ୍ଧ ସହଜରେ,
ବାସ୍ତବ ଜୀବନେ
ଦୁଃସାଧ୍ୟ ହୁଅଇ
ସଫଳତା ମିଳିବାରେ ।

**ଓଗାଳପଡା, ଜଟଣୀ**



# ବସନ୍ତ ଆସୁଛି

**ନଳିନୀ ପ୍ରଭା ଦାସ**

ପଉଷର ଛାତି ଚିରି
ଶୀତ ଆସେ ଥିରି ଥିରି
ମଥାରେ ତା' ଶିଶିରର ଓଢଣା
ହଳଦୀବସନ୍ତ ଆସି
ଆମ୍ବଡାଳେ ଲୁଚିଲୁଚି
ଦିଏ ବସନ୍ତାଗତର ସୂଚନା ।
ପତ୍ରସବୁ ପଡ଼େ ଝରି
ବସନ୍ତ ଆସୁଛି ବୋଲି
ଥୁଣ୍ଟା ଡାଳେ ପଳାଶର ସମ୍ଭାର
ଗେଣ୍ଡୁଫୁଲ ଯାଏ ଶୁଖି
ଫୁଟିଛି ମଧୁମାଳତୀ
ନବ ପଲ୍ଲବିତ ଧରା ସୁନ୍ଦର ।

ଚ୍ୟୁତ ଡାଳେ ପିକ ରାବେ
ଲୁଚି ସେ ପଞ୍ଚମ ରାଗେ
ଝରା ବଉଳ ବାସେ ମହକେ ଧରା
ନିମ୍ବ ଫୁଲ ଉଠେ ହସି
ଚଇତର ବାଆ ବାଜି
ବସନ୍ତ ଆସୁଛି ବୋଲି ହସୁଛି ଧରା ।

**କଲମପୁର, କଳାହାଣ୍ଡି**

# ଜୀବନର ଶୂନ୍ୟତା

ସ୍ନିଗ୍ଧା ପ୍ରଧାନ

ଏକ ଆଶ୍ରା ବିହୀନ
କ୍ଳାନ୍ତ ପଥିକଟିଏ ମୁଁ
ଯା' ଆଖିର ପୁଞ୍ଜିଭୂତ ଲୁହ ରେ
ଅସହାୟତାର ଛବି ସ୍ପଷ୍ଟ ଦେଖିହୁଏ;
ଆଉ ବାରି ହୋଇଯାଏ ଅନେକ ଗୁଡ଼ିଏ ଭଙ୍ଗାସ୍ୱପ୍ନକୁ
ଯୋଡ଼ିବାର ବିଫଳ ପ୍ରୟାସ।।

ଦିନ ଥିଲା.....
ଅନେକ ସ୍ୱପ୍ନକୁ ପାଥେୟ କରି
ଧୂଳି ଧୂସରିତ ହୋଇ
ଧାଉଁଥିଲି ମୁଁ
ପୃଥିବୀର ଖୋଲା ଦେହରେ
ନା ଥିଲା ଲକ୍ଷ୍ୟ ନା ଥିଲା ସ୍ୱପ୍ନ
ଆଗରେ କେବଳ
ତୁମେ ଆଉ ମୁଁ
ମୁଁ ଆଉ ତୁମେ।।
ଆଜି କିନ୍ତୁ ବଦଳି ଯାଇଛି
ପାଣି ଆଉ ପବନ
ଉଜୁଡି ଯାଇଛି ସ୍ୱପ୍ନ ଆଉ ଜୀବନ
ଚାରିଆଡେ ଘେରିଛି ନିସ୍ତବ୍ଧତା।
ଭାଙ୍ଗି ଯାଇଛି ବିଶ୍ୱାସର ପାହାଡ଼
ତୁମ ଆଖିରେ ମୋ' ପାଇଁ
ଘୃଣା ଓ ସନ୍ଦେହ
କିନ୍ତୁ କାହିଁକି??
ଆଉ କିଛି ବାକି ନାହିଁ
ତୁମ ସହ ମିଶିବାର ଏତେ ଟିକେ
ସମ୍ଭାବନା ବି ନାହିଁ।
କେମିତି ବଞ୍ଚିବି କୁହ ?
ମୋ' ଆଖିରେ ଆଜି କେବଳ
ଅୟୁତ ଅୟୁତର ଜିଜ୍ଞାସା ।।।।।

ନିଗମ ବିହାର, ଶ୍ରୀରାମ ନଗର, ଓଲ୍ଡଟାଉନ, ଭୁବନେଶ୍ୱର



# ବୋଉ

**ଅଳକା ଦାସ**

ଅମୃତ ବେଳା ନାଆଟି ତାହାର
ସଂସାରେ ଅଛି କି ଆଉ?
ପିଇ ପିଇ ତା'ର ଅମୃତର ଝର
ପୁଷ୍ଟ ହୋଇଛି ଶରୀର ମୋର
ପଣତ ତାହାର ପତିତପାବନ ବାନା
ସଦା ଉଡୁଥାଉ
ଦେହରୁ ମୁଣ୍ଡରୁ ଧୂଳି ଝାଡ଼ିଦିଏ
ପଣତରେ ମୋର ମୁହଁ ପୋଛିଦିଏ
ଖାଇ ନଥିଲେ ମୁଁ,
ଫେରିବା ବାଟକୁ ଦୁଆରେ ଅନାଇଁ ଥାଉ
ଧନ ମୋର ଆଜି କାହିଁକି ଆସିନି
ସଭିଙ୍କୁ ପଚାରେ କିଛି ସେ ବୁଝେନି
ଆସୁଛି ମୁଁ ବୋଲି ଦେଖିଦେଲେ
ଦୂରୁ ଡାକ ଛାଡ଼େ ଆଲୋ ବୋହୂ
ବାଢ଼େ ବାଆଢ଼େ ପୁଅ ଆସିଲାଣି
ଗରମ କରିଦେ ଡାଲି ତରକାରୀ
ଧନ ମୋର କିଛି ଖାଇଛି କି ନାହିଁ
ଭୟ ତ ଲାଗୁନି ଆଉ
ତା' ସ୍ନେହ ମମତା ହୀରା-ମୋତି ତୁଲ
କେ କଳି ପାରିବ ସେ ଅମୂଲ ମୂଲ
ବୋଉ ଆଗେ ପୁଅ
ସବୁବେଳେ ଛୋଟ ଯେତେ ବଡ ପଛେ ହଉ
କେତେ ଅଳି କେତେ ଅଝଟ ପଣିଆ
ସବୁ ସହେ ସିଏ ବସୁଧା ଭଳିଆ
ତେଣୁ ପୃଥିବୀଠୁ ବୋଉ ଆମ ବଡ
ତା' ସରି କିଏ ସେ ଆଉ
ବୋଉ ଋଣ କିଏ ପାରିନାହିଁ ସୁଝି
ତା' ସେବା କରିବା ଆମେ ଯୁଝି ଯୁଝି
ବୋଉ ବୋଲି ଯିଏ ଡାକିନାହିଁ ଥରେ
ଧିକ ତା' ଜୀବନ ଯାଉ ।

**ପଲ୍ଲା, ଖୋର୍ଦ୍ଧା**

# ରଚା ପାଇଁ କବିତା

ଡ. ରଜତ କୁମାର ଷଡ଼ଙ୍ଗୀ

ପୃଥିବୀର ସମସ୍ତ ଶବ୍ଦ
ଓଁକାର ଭିତରେ ବିଲୀନ ହେଉଥିଲେ
କହିବା ଶୁଣାଯାଉଥାଏ
ଶବ୍ଦର ବଢ଼ି ଆସିଲେ
ପୃଥିବୀ ବି ନିସ୍ତବ୍ଧ ହୋଇଯାଏ ,
ଗୋଟିଏ ଅକ୍ଷରରୁ ମଧୁ କ୍ଷରୁଥାଏ,
ଏକରୁ ବହୁତ, ବହୁତରୁ ଏକ
ଶବ୍ଦ ଶୁଣା ଯାଉଥାଏ।।

ସୂର୍ଯ୍ୟଙ୍କର ସମସ୍ତ ଜ୍ୟୋତି କିରଣ
ସମାହିତ ହେଉଥିଲେ
ପଦାର୍ଥର ସମସ୍ତ କଣରେ
କଣକଣ ଉଦ୍ଭାସିତ, ପ୍ରକାଶିତ, ମହିମା ମଣ୍ଡିତ
ଜଡ଼ ବି ଚୈତନ୍ୟ ଲଭୁଥାଏ
ଜ୍ୟୋତି ପରଶରେ।।

ରଚା ପାଇଁ ପୃଥିବୀ ଏବେ ଶବ୍ଦ ପୂର୍ଣ୍ଣ
ଭାବପୂର୍ଣ୍ଣ ଜ୍ୟୋତିଷ୍ମାନ ଉର୍ଦ୍ଧ୍ୱ ଜଗତରେ,
ଅବତରିତ ହେବ ଆସନ୍ତା କାଲି
ନୂତନ ସକାଳ, ନୂତନ ଉଚ୍ଛ୍ୱାସ,
ରଚା ଗାନ, ସାମ ଗାନ ଶବ୍ଦ ସଂଭାରରେ
ଜାଗତିକ ଜୀବନ ଚର୍ଯ୍ୟାରେ।।

ବୋରିଗୁମ୍ମା, କୋରାପୁଟ

# କବିତା

ବିଭୁପ୍ରସାଦ ମହାପାତ୍ର

ନୀରବତା ଭରା ଏକ
ବସନ୍ତ ପ୍ରଭାତେ
ମଳୟ ସଂଚାର ହୁଏ
ହୃଦେ ଅବିରତେ ।

ଭାଷା ସିନା ଧରାଦ୍ୟନ୍ତି
ଶବ୍ଦ ନଛୋଡବନ୍ଧ
ଭାବ ଊର୍ମି ଡେଇଁଚାଲେ
ସୀମା ସରହଦ ।

ବାଣୀ ଆବାହନ କରି
କୃତାଞ୍ଜଳି ପୁଟେ
ଶବ୍ଦାନ୍ବେଷ ନହୋଇଲା
ଏ ମାନସେ ମୋଟେ ।

ପ୍ରେୟସୀ ପାଇଁ କବିତା
ବସିଲି ଯା'ଲେଖି
କବିତା ପାଇଁ କବିତା
ହୋଇଗଲା ଲେଖି ।

ଭୋଗଡା, ବାଘମାରୀ
ଖୋର୍ଦ୍ଧା

# କବିତା



**ତାରାପ୍ରସାଦ ଜେନା**

କବିତା ଗୋ ତୁମେ ମୋର କାମନା ବାସନା
ତୁମକୁ ଛାଡ଼ିକି ସତେ ବଞ୍ଚି ମୁଁ ପାରେନା
......କବିତା ଗୋ ତୁମେ ମୋର..... ! ୦ !

ଶୟନେ ସପନେ ଆସ ସଜନୀ ସନ୍ତୋଷୀ
ତୁମରି ବିରହେ ଲାଗେ ପୂର୍ଣ୍ଣିମା ଉଆଁସୀ,
ଭାବର ଅଭାବ ହେଲେ ଶବ୍ଦ ମୁଁ ପାଏନା
କବିତା ମଧୁର ସ୍ୱର ମନକୁ ଛୁଏଁନା
......କବିତା ଗୋ ତୁମେ ମୋର..... ! ୧ !

ବର୍ଣ୍ଣନା ଚାତୁରୀ ଆଗୋ ଶୋଭାର ଭଣ୍ଡାର
ଅପାର ମହିମା ଦେବୀ ହୃଦୟ ମନ୍ଦିର,
ପ୍ରେମରେ ପୂଜିତା ଭବ୍ୟ ବିଭୋର କଳ୍ପନା
ଅପୂର୍ବ ଝଟକ ବ୍ରୀଡ଼ା କାଉଁରୀ ଲଳନା
......କବିତା ଗୋ ତୁମେ ମୋର..... ! ୨ !

ଦ୍ୱନ୍ଦରେ କଦବା ଆହା ମାନିନୀ ସାଜୁଛ
ଛନ୍ଦରେ ହସାଇ ଦେଇ ମାୟାରେ ହଜୁଛ,
ସମୟ ସାଲିସ୍ ସହ ଅନେକ ସାନ୍ତ୍ୱନା
କବିତା ଜୀବନ ପ୍ରାଣ ଅବୁଝା ହୁଏନା
......କବିତା ଗୋ ତୁମେ ମୋର..... ! ୩ !

**ରାଜ ରଣପୁର, ନୟାଗଡ଼**

# ବୋକୀଝିଅର ବିଶ୍ୱାସ

ଡ. ସୁଚିତ୍ରା ରଥ

ଜହ୍ନଧୁଆ ଆକାଶ ପରି
ବୋକୀଝିଅର ମନ
ପଣତରେ ବାନ୍ଧି ରଖିଥିବା
ବହଳ ବିଶ୍ୱାସରେ  ବୋକୀଝିଅ
କୃତଜ୍ଞତାର ଚିଠି ଲେଖୁଥାଏ ଈଶ୍ୱରଙ୍କୁ
ଯାହା ପାଇଛି ତା'
ଗୋଟାପଣେ ତା'ର ବୋଲି
ଲିପିପୋଛି  ଚକ୍ ଚକ୍ କରୁଥାଏ
ସମ୍ପର୍କର ଷଠୀଘର
ସଞ୍ଜଆଳତି ବା ସକାଳଧୂପରେ
ଆଙ୍କୁଥାଏ ଅନ୍ତରଙ୍ଗତା
ତୁମ ଅତରମଖା ଅହଂକୁ
ତୀର୍ଥମାଟି କରି ।

ବାଆଁରା ଚଢେଇ ସେ
ବାଆଁରେଇ ହସିଦେଲେ ତୁମେ
ଭୁଲିଯାଏ ସବୁ ଅଭିମାନ
ତୁମକୁ କୈଫତ୍ ଦେବାକୁ ପଡେନି,
ବୋକୀଝିଅ ପଚାରେନି ବୋଲି
ତୁମ ଭୁଲାଣିଆ କଳ୍ପକୁଞ୍ଜରେ
ସେ  ମୁଣ୍ଡ ଟୁଙ୍ଗାରେ
ଚାବିଦିଆ କଣ୍ଢେଇଟେ ପରି
ଛଳନାର ଛୁରୀ ଧାରେ
ତୁମେ କାଟୁଥାଅ ବିଶ୍ୱାସର ଖିଅ
ବୁଝି ବି ଅବୁଝା ହୋଇ
ଚୁପ୍ ଚୁପ୍ ହସୁଥାଏ ବୋକୀଝିଅ ।

ନୀଳଚକ୍ର ନଗର, ପୁରୀ

# ପ୍ରେମ ନମିଳିଲେ କବିତା ମିଳେନି

**ବୈଦ୍ୟନାଥ ଖିଲାର**



ପ୍ରେମ ନ ମିଳିଲେ କବିତା ମିଳେନି
ଏକଥା ଯାଉଛି କହି
କିଏ ସେ ଲେଖିଛି ଏଇ ପଙ୍କ୍ତିଟିକୁ
ପଚାରନା ଜଣେ କେହି ।। ୦ ।।

ଓଠର ଚୋଟକୁ ସହିସହି ଯିଏ
କବରକୁ ଚାଲିଗଲା
କେହି ପଚାରନି ହୃଦୟେ କାହିଁକି
କ୍ଷତ ନେଇ ଫେରିଗଲା,
ଖବର ତାହାର କା'ପାଖରେ ଅଛି
ସେ କଥା ପଚାର ନାହିଁ ।। ୧ ।।

କହୁଥିଲା ସିଏ ଗଜଲ ଲେଖିବ
ଗଜରା ମିଳିଲା ନାହିଁ
ଆଖି କଜ୍ଜଳରେ ଅତର ମିଶେଇ
ସାରି ପାରିଲାନି ସାହି,
ପ୍ରେମର ଅଭାବ ମାରି ଦେଲା ତାକୁ
ଏକଥା ଜାଣେନା କେହି ।। ୨ ।।

ଧୂପ କାଠି ଭଳି ନିତି ଜଳିଜଳି
ଧୂଆଁ ଧୂଆ ହୋଇଗଲା
ମହକକୁ ତା'ର ପଚାରନା ସିଏ
କେଉଁ ଧୂପବତି ଥିଲା,
ମଶାଣିରେ କା'ର ପାଉଁଶ ପଡିଛି
ପାଉଁଶରେ ଜାଇ ଯୂଇ ।। ୩ ।।

ଅଚିହ୍ନା ଥିଲା ସେ ଅଚିହ୍ନା ରହିଲା
ପରିଚୟ ତା'ର ନାହିଁ
ତା' ପ୍ରେମିକା ଜାଣେ ହେଲେ ସେ କହେନା
ପ୍ରେମୀ ଥିଲା ତା'ର ସେହି,
ଖିଲାର ଜାଣିଛି ଏବେ ସେ ଜିଇଁଛି
ବିଶ୍ୱାସ କରନା କେହି ।। ୪ ।।

**ଶଙ୍କରପୁର, ଚାରବାଟିଆ, କଟକ**

# ଛାଇର ଚିତ୍ର

**ଶୁଭଶ୍ରୀ ରାଉତ**

ଏଠି ପହଁଞ୍ଚିଗଲା ପରେ
କୋଉଠି ଛାଡ଼ି ଆସିଲି ଛାଇ?

ସିଏ ମ !
ଗୋଟାଏ ନଥିବା ଗଛ ପରି
ନିଜ ଛାଇର ଠିକଣା ଖୋଜିବାରେ
ମୁଁ ନାହିଁ

ସିଏ,
ମତେ ବୁଝେଉଥିଲ
ଜହ୍ନ ରାତିରେ,
ଛାଇ କେମିତି ତିଆରି କରାଯାଏ
ପ୍ରେମର !

ଅଥଚ;
ଗୋଟିଏ ଅଭାବିତ ଆଲିଙ୍ଗନରେ
ଆମେ ଛାୟାଶୂନ୍ୟ ।

ଏବେ ପଶ୍ଚିମ କାନ୍ଥରୁ
ଖରା ଖସୁଛି,
ମୁଁ ଝାଡି ଚାଲିଛି ଧୂଳି
ମୋ' କାନଭାସରୁ ।

ଅମରାବତୀ ପୁର, ଚୌଦ୍ୱାର, କଟକ

# କୃଷ୍ଣ ଚୂଡ଼ା

**ରତ୍ନପ୍ରଭା ବାଇ**

ଖଇଫୁଟା ଖରା ଧାସରେ ଏ ଧରା ବୁକୁ ଯାଏ ଫାଟିଫାଟି
ଏ ଖରାରେ ଭିଜି କୃଷ୍ଣଚୂଡ଼ା ହସେ ଶାଖାରେ ଶାଖାରେ ଫୁଟି ।
ନିରିମାଖି ଭାବି ନିରିମମ ହୋଇ ନିଦାଘ ଛାଟୁଚି ନିଆଁ
ଆନମନା ହୋଇ ନିରବେ ଲେଖୁଚି ସେ ପ୍ରୀତିର ପଣିକିଆ।

ଡହକ ଖରାକୁ ଖାତିର ନକରି ପତ୍ରଝଡ଼ା ଗଛେ ବସି
ଦଗ୍ଧ ହୋଇ ବି ମୁଗ୍ଧ କରୁଛି ନାଲିନାଲି ଓଠେ ହସି ।
ଜାଣିଛି ଏ ଋତୁ ଅପସରି ଯିବ ମଉସୁମି ଆଗମନେ
ନିଦାଘ ଶୋଇବ ନିଘୋଡ଼ ନିଦରେ ଭସା ବଉଦ ଚୁମ୍ବନେ ।

କୁଆଁରୀ ମେଘର ଚପଳ ଛନ୍ଦରେ ଚପଳା ଚମକି ଯିବ
ଚଗଲା ପବନ ବରଷା ବଧୂର ଓଢ଼ଣି ଉଠେଇ ନେବ ।
ଆକାଶ ମାଟିରେ ସଜଳ ପ୍ରେମରେ ରଚିବ ଶତ ଶୃଙ୍ଗାର
ମିଳନ ବିଭୋରେ ମନ୍ଦ୍ର ମଧୁରେ ଗାଇ ସେ ମେଘ ମହ୍ଲାର ।

ଆଦ୍ୟ ଆଷାଢ଼ର ଅଗଣାରେ ବସି ପ୍ରକୃତି ଆଙ୍କିବ ଛବି
ଶ୍ୟାମଳ ଶାଖାରେ ଶିହରଣ ଖେଳି ପତ୍ର ଉଠିବ ପଲ୍ଲବି ।

ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ
ତାଳଚେର ଟାଉନ, ଅନୁଗୁଳ

# ନିର୍ଜନ ନିଶିଥେ



**ରବିନାରାୟଣ ମଙ୍ଗରାଜ**

ସନ୍ଧ୍ୟାରେ ଦିନେ ଖୋଜି ବୁଲୁଥିଲି
ଧୂସର ବାଲି ଶେଜରେ
ତରଙ୍ଗ ଦୋଳିରେ କଅଁଳ ଭାଷାରେ
କବିତା କହିଲା ଧୀରେ ।

ମହାନଦୀ ବେଳା କୋହଲା ପବନେ
ନୀରବେ ଯାଇଛି ଶୋଇ
ଟିକିଏ ନିରେଖି ଦେଖିଲେ କହିବି
ତୁମରି କାନରେ ଯାଇ ।

କବି ପଣିଆ ମୋ କବଳିତ ହେଲା
କବିତା ଭିଜା ଅଧରେ
ବେଳେବେଳେ ଟିକେ ଯାଏ ସେ ଦୂରେଇ
ଥିରିଥିରି ପବନରେ ।

ଅମାନିଆ ମନ ମାନେନାହିଁ ବାଧା
ହାତ ମୋ' ରଖଇ ଟାଣି
ଲେଖନୀ ଲୋତକ ଝରି ଝରିଯାଏ
କେମିତି ପାରେନା ଜାଣି ।

ଅଜଣା ଆବେଗେ କବିତା କୋଳରେ
ଲୋଟି ପଡିଲା ଶରୀର
ଚକ୍ଷୁର ପଟଳେ ପଡ଼ିଲା ପରଦା
ସଜ ହେଲା ଅନ୍ଧକାର ।

ନିର୍ଜନ ନିଶୀଥେ ତଟିନୀ ତଟରେ
ସପନ ବାନ୍ଧିଲା ବସା
ଇସାରା ବିହୁନେ ଦୂରେଇ ଗଲାସେ
ପ୍ରାଚୀ ପରଷିଲା ଭାଷା ।

**ସମ୍ପାଦକ "ସମ୍ପର୍କ"**
**ବୈଦ୍ୟେଶ୍ୱର, ବାଙ୍କୀ, କଟକ**

# 'କିଛି'ର କବିତା

ତପନ ଦୀକ୍ଷିତ (ବେଳାଭୂମି)

କିଛି ଜୀବନରେ ଲୋଡ଼ା ହୁଏ ଆଉ
କିଛିଟା ଅଲୋଡା ରୁହେ
କିଛି ପାଇବାରେ କିଛି ଖୋଜିବାରେ
ଦିନ ଯାଇ ସଞ୍ଜ ହୁଏ ।

କିଛି ବହିଯାଏ ସମୟ ସୁଅରେ
ଦିନ ବିତିଗଲା ପରେ
କିଛି ରହିଯାଏ ରାତି ସପନକୁ
ସ୍ମୃତିର ଫରୁଆଟିରେ ।

କିଛି ପଢ଼ାହୁଏ ଆଖି ଲୁହ ପିଇ
ବେଦନା ପ୍ରଦୀପ ଜାଳି
କିଛି ଅପଢାରେ ପଡି ରହିଯାଏ
ଟିକେ ଖୁସିଗଲେ ମିଳି ।

କିଛି ଧୋଇଯାଏ କିଛି ରହିଯାଏ
ଗାରେ ହସ ଧାରେ ଲୁହେ
ଯେ 'ତ ଜୀବନର 'କିଛି' ର କବିତା
ସକାଳରୁ ସଞ୍ଜ ଯାଏଁ ।

ନାସିକେଶ୍ୱର,
କାକଟପୁର, ପୁରୀ



# ସୁନା ପୁଅ

**ହାସ୍ୟମୟୀ ରାଜ୍**

ବାବାରେ !
ପାରିବୁ ତ ଚାପିରଖିବୁ
ହୃଦୟର କୋହ
ଯେତେ ଦୁଃଖ ଆସୁ ପଛେ
କେବେ ଝରେଇବୁନି ଲୁହ
କର୍ତ୍ତବ୍ୟରେ ରଖୁଥିବୁ ଲୟ
ବୁଝିବୁ ସଭିଙ୍କ ହୃଦୟ
ଭୂଲିବୁନି କେବେ ଈଶ୍ୱରଙ୍କ ନାମ
ଯନ୍ତ୍ରଣାର ଗରଳକୁ ପଛେ
ପିଇଯିବୁ ନୀଳକଣ୍ଠ ସମ
ତେବେ ସିନା ହବୁ ସୁନା ପୁଅ ।।

ବାପାଙ୍କ ଝାଳୁଆ କାନ୍ଧ
ତାଙ୍କ ପାଦ ସହ
ତାଳ ମିଳେଇ ଚାଲୁଥିବା
ତୋ'ର କୁନି କୁନି ପାଦ
ସାଇ ପଡ଼ିଶା ଭାଇବନ୍ଧୁ
ଶ୍ରଦ୍ଧା, ପ୍ରୀତି, ହସ ଆଉ ଲୁହ
ଭୂଲିବୁନି କେବେ
ଯାହା କରେ ଜୀବନକୁ ଜୟ
ତେବେ ସିନା ହେବୁ ସୁନା ପୁଅ ।।

ଧନରେ !!
ଏ ଜାତି ତୋ'ଠୁ
କେତେକଥା ଚାହେଁ
ତୁ ହେବୁ-
ସତ୍ତ୍ୱ-ଶାନ୍ତି-ଦୟା-କ୍ଷମା
ମମତାର ବାର୍ତ୍ତାବହ
ତୋଡିଦେବୁ  ଅନ୍ୟାୟର ବାଡ଼
ଯୋଡିଦେବୁ ଭାଙ୍ଗିଥିବା  ନୀଡ଼
ଲଢିବାକୁ ଡରିବୁନି କେବେ
କାହାକୁ ଦେବାପାଇଁ ନ୍ୟାୟ
ତେବେ ସିନା ହେବୁ ସୁନାପୁଅ ।।

ଦଶମାସ ଦଶଦିନ
ଗର୍ଭବେଦନା ସହିଛି
କେତେ ନିଦ ହଜେଇଛି
ତୋ' ପାଇଁ ତୋ ମା'
କାହିଁକି ଜାଣୁ !
ତୁ ହେବୁ ତା'ର ସୁନା ପୁଅ
ପୋଛିଦେବୁ କୋଟିଏ ଆଖିର ଲୁହ
ଛାତି ତା'ର ଫୁଲି ଉଠୁଥିବ ଗର୍ବରେ
ସମସ୍ତେ କହୁଥିବେ ତୁ ଖାଲି
ତା'ର ପୁଅ ନୁହେଁ
ତୁ ଏ ମାଟିର ସୁନା ପୁଅ
ତୁ ଏ ମାଟିର ସୁନା ପୁଅ ।।

**ଓରାଳି, ହାଟଡିହି, କେନ୍ଦୁଝର**



# ମଲାଜହ୍ନ

**ଯମେଶ୍ୱର କହଲସିଂହ**

ମଲାଜହ୍ନ କେବେ
ଛୁଇଁ ପାରିବନି
କଅଁଳ କଇଁର ମନ,
ଝରିଯାଇଛି ତା'
ରୂପର ଝଲକ
ରସଘନ ଯଉବନ ।। ୦ ।।

ହଜିଯାଇଛି ତା'
ମିଠାମିଠା ବାସ୍ନା
କେତେ ଅପାସୋରା ଦିନ
କେମିତି ହେବ ସେ
ମନ ଜ୍ୟାମିତିରେ
ତ୍ରିଭୁଜର ତିନିକୋଣ,
ତା' ନୀଳ ଆଖିର
ନିରାଂଜନା କୂଳେ
ଧ୍ୟାନର କି ପ୍ରୟୋଜନ ।। ୧ ।।

କୁଆଁରୀ କଳିର
କଅଁଳ ମନରେ
କେତେ ଆଶାଦୀପ ଜଳେ
ବୟସ ବଢ଼ିଲେ
ଅତୀତର ସ୍ମୃତି
ଏକାଏକା ହାଇମାରେ,
ମନ ଚାହେଁନାହିଁ
ମଲାଜହ୍ନର
ଦେଖିବାକୁ ପଦଚିହ୍ନ ।। ୨ ।।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା

# ହଜିଲା ମତି

**ପୀୟୂଷ ସାମଗ**

ଖୋଜୁଅଛି ଅହରହ କାହୁଁ ସେ ମିଳିବ
ନୁହେଁ ଯେ ଅସୀମ ଲୁଚା ଅଳକା ବିଭବ ।
ଯାହାକୁ ଖୋଜେ ମୁଁ ଯଦି ପାଇଯିବି ବାରେ
ପାଇବି ସରଗ ସୁଖ ମୋ' ସଫଳତାରେ ।

ବିକେନାହିଁ ତାହା କେବେ ସାପ୍ତାହିକ ହାଟେ
ପଡି ନ ଥାଏ ବି କେଉଁ ବାଟେ ଅବା ଘାଟେ ।
କାଇଁ ବା ପାଇବି ଖୋଜି କେଉଁଠି ସତରେ
ଡାକରା ଆସୁଛି ଯଦି ଏଇ ମୋ' ଅନ୍ତରେ ।

ଜାଣିନି ଉତ୍ତରେ ମୋତେ କିବା ମିଳିପାରେ
ମୋ' ଦ୍ୱିଧାରେ ମୋ' ଦ୍ୱନ୍ଦ୍ୱରେ କାହାର କି ସରେ ?
ଭଲ ମଣିଷ ଦେଖିବା ସପନ ଯେସନ
କେତେ ଶସ୍ତା ସତେ ଏଇ ମଣିଷ ଜୀବନ ।

ମଣିଷପଣିଆ ସତେ ମିଳିକି ପାରିବ
ମନତୋଷା କଥା ଆଉ ମଧୁର ସେ ଭାବ ।
ହୋଇବକି ଚାହାଣିର ନବକଳେବର
ହସିବକି ପୁଣି ଏଇ ସୁନାର ସଂସାର ।

ପୁନଶ୍ଚ  ବୁଲିବ ଏଠି ସୁନାର ଲଙ୍ଗଳ
କ୍ଷେତରେ ଫଳିବ ପୁଣି ସୁବର୍ଣ୍ଣର ଫଳ ।
ହସିବ ମୋ' ଭାଷା ପୁଣି ଉଠିବ ଏ ଜାତି
ଏ ମାଟିରେ ଖେଳିଯିବ ଶାନ୍ତି-ମୈତ୍ରୀ-ପ୍ରୀତି ।

ବାଣପୁର, ଖୋର୍ଦ୍ଧା

# ପୁଣ୍ୟ ଦେବଭୂମି ଉତ୍କଳ

ଜୟଶ୍ରୀ ପଟ୍ଟନାୟକ



ଯେଉଁ ଭୁଇଁରେ ଚଣ୍ଡାଶୋକରୁ ଧର୍ମାଶୋକ ହୋଇଲେ ଅଶୋକ
ଗଙ୍ଗାଠାରୁ ଗୋଦାବରୀ ରହିଥିଲା କଳିଙ୍ଗ ବିଜୟ ଟେକ
ଶାନ୍ତି ମୈତ୍ରୀ ସଂହତି ପ୍ରୀତିବନ୍ଧନେ ବାନ୍ଧିଛି ଶ୍ରୀକ୍ଷେତ୍ର ଧାମ
ସେହି ଭୂଇଁ ମୋର ମାଟି ମାଆ ଅଟେ ଉତ୍କଳ ତାହାର ନାମ

କିଏ କହେ ତାକୁ ପୁଣ୍ୟ ଦେବଭୂମି କିଏ ମନ୍ଦିରମାଳିନୀ
ଦୟା ନଦୀ କୂଳେ ଧଉଳି ଗାଉଛି ଓଡ଼ିଆ ବୀର କାହାଣୀ
ପିପିଲି ଚାନ୍ଦୁଆ ନୌବାଣିଜ୍ୟେ ଲେଖା କଳିଙ୍ଗର ପରିଚୟ
ବୀରର ଶୋଣିତ ବହିଛି ଶରୀରେ ଭାଷା ମୋ ଅଟେ ଜାତୀୟ

ନୃତ୍ୟ ସଙ୍ଗୀତ ପାଲା ଭାଗବତ ରେ ରଖିଛି ସଂସ୍କୃତି ଟୀକା
ଶିଳାପଦ୍ମରେ ଫୁଟାଇଛି କବିତା ଶିଳାରେ ଲେଖିଛି ଲେଖା
ମଧୁ ଗୋପବନ୍ଧୁ ଫକୀରମୋହନ ପାରଳାର ଗଜପତି
ଭୁଜପତ୍ରରୁ ଶାସ୍ତ୍ରୀୟ ଭାଷା ରେ ରଖିଛି ଜାତି ପରିଚିତି ।

ଯେଉଁ ମାଟିରେ ଜନମି ଥିଲେ ବକ୍ସି ଆଉ ଐର ଖାରବେଳ
ସପ୍ତାଶ୍ବାର୍ଘ୍ୟ ରେ କୋଣାରକ ନଦ ନଦୀ ଝରଣା କଳ କଳ
ଶିଳା ସାଜିଛି ଶାଳଗ୍ରାମ ନିହଣ ପଥରରେ କହେ କଥା
ଐତିହ୍ୟ ସଂସ୍କୃତି ପରମ୍ପରା ଦେଖି ନଇଁ ଯାଉଥାଏ ମଥା

ହୋଲି ଦୀପାବଳି ଦଶହରା ପୂଜା ପୁଣ୍ୟ କାର୍ତ୍ତିକ ବୋଇତ
ବାରମାସରେ ଲାଗିଥାଏ ଉତ୍କଳେ ତେର ପରବର ଯାତ
ଦାରିଙ୍ଗିବାଡିରୁ ଶିମିଳିପାଳ ଉଡ଼ଇ ଶାଗୁଆ ପଣତ
ସେଇ ଅଟେ ଜନ୍ମଭୂମିଟି ମୋହର ଗାଏ ମୁଁ ଯାହାର ଗୀତ

ଋତୁ ବସନ୍ତରେ ହସଇ ପଳାଶ କୋଇଲି ଗାଏ ସଙ୍ଗୀତ
ଖରା ବରଷା ଶୀତ କାକରରେ କୃଷକଟି ସବୁରି ମିତ
ନୀଳ ଶଇଳରେ ମୋହନ ମୁରଲୀ ବଜାଏ ଜଗତ ନାଥ
ସେଇ ଭୂଇଁ ମୋର ଅଟଇ ଉତ୍କଳ  ଜଣାଏ ମୁଁ ପ୍ରଣିପାତ ।

ଗଙ୍ଗନଗର, ଭୁବନେଶ୍ଵର



# ଭୋକ

କବିତା କାନୁନଗୋ

ପେଟର ଭୋକକୁ          ଦୁନିଆ ଜାଣଇ
ମନର ଭୋକକୁ ନୁହଁ
ମନ ଖୋଜେ ସଦା          ଆଦର ଯତନ
ଭଲ ପାଇବାର ମୋହ।।୦।।

ଲୋଡିନାହିଁ କେବେ          ଧନ ଦଉଲତ
ଜନ ଅବା ସନମାନ
କାନି ପାତିଥିଲି          ସରାଗର ପାଇଁ
କଲ ମୋତେ ହୀନିମାନ।

ଦେଖୁଛି ବସି ମୁଁ          ଜୀବନ ପସରା
ଭରିଛି ଅସରା ଲୁହ।
ମନ ଖୋଜେ ସଦା          ଆଦର ଯତନ
ଭଲ ପାଇବାର ମୋହ।।୧।।

ଉଠାନା ଉଠାନା          ଭୋକକୁ ମୋହର
ଶୋଇଛି ସେ ଶୋଇଥାଉ
ଆଦରି ନେଇଛି          କପାଳ ଲିଖନ
ସେମିତି ତା' ଜୀବ ଯାଉ।

ଉଜୁଡ଼ା ସପନେ          ନିତି ସେ ହଜିଛି
ଚାପିଦେଇ ନିଜ କୋହ
ମନ ଖୋଜେ ସଦା          ଆଦର ଯତନ
ଭଲ ପାଇବାର ମୋହ।।୨।।

ପୋଖରୀପୁଟ, ଭୁବନେଶ୍ୱର



# ଶ୍ରେଷ୍ଠ ସତ୍ୟ

**ସନ୍ୟାସୀ ନାୟକ**

କେତେବେଳେ, କେଉଁଠି
ତୁମେ ଆସିଯିବ
କ'ଣ କହିହେବ ?
ନା ତୁମକୁ ରୋକି ହେବ !
ଅଧା ରହିଥିବ ହାଟ ସଉଦା,
ଭାତ ଫୁଟୁଥିବ,
କଥା ଅଧାରେ ଥିବ,
ତୁମେ ତ
ଅତର୍କିତ ଆସିଯିବ ।

ନା ପୂଜାକୁ ବେଳ ଥିବ
ନା ସ୍ରଷ୍ଟାଙ୍କୁ ହାତ ଯୋଡି ହେବ,
ନା ହୃଦୟ ଖୋଲି ଗପି ହେବ
ନା ଆବେଗ ଫଟାଇ କାନ୍ଦି ହେବ,
ନା ବନ୍ଧୁକୁ ଛାତିରେ ଚାପି ଧରିବାକୁ ଦେବ,
ନା ପ୍ରିୟାକୁ ଚୁମାଟିଏ ଦେବାକୁ
ତୁମେ ଅପେକ୍ଷା କରିବ ।

ମାଆର ପଣତ କାନି
ଓଦା ହୋଇ ଯାଇଥିବ,
ଘରଣୀକୁ ରାଣୀରୁ କାଣି କରିଦେବ,
ପୁଅ ସଭାରେ ହାରୁଥିବ
ଝିଅର ଗେଲ ସରିଯିବ,
ତୁମେ ଆସିଛ ମାନେ
ମୋତେ ନେଇକି ଜୀବ ।

କାଲି କ'ଣ
ଆଜି ପରି ଥିବ,
କିଏ ଗଲା ଆସିଲା
କେବଳ ହିସାବ ଲାଗିଥିବ,
ଏ ସୁନ୍ଦର ପୃଥିବୀର ସଜ ସକାଳ
ଏମିତି ହସୁଥିବ,
କେତେ ପାଉଁଶ ମୁଠା ହେଲା
କିଏ କାହିଁ ମାପିବ ?
ହାଡ଼ ଖଣ୍ଡେ ନେଇ
ପୁଅ ନଣ୍ଡା ହେଉଥିବ ।

ହେ ସତ୍ୟ.....
ସମସ୍ତଙ୍କର ଇଚ୍ଛା
ତୁମକୁ ଦେଖିବାକୁ,
କାହାର ବି....
ସାହସ ନାହିଁ
ତୁମକୁ ସାମ୍ନା କରିବାକୁ,
ତୁମେ ତ...
ତୁମେ ହୋଇଥିବ,
ସଂସାରର ସବୁଦୁଃଖ
ସବୁସୁଖ ସାରିଦେଇ
ନେଇ ଯାଉଥିବ ।

**ପୋଡା ସାହି, ମକୁନ୍ଦପ୍ରସାଦ, ଖୋର୍ଦ୍ଧା**



# ଧନ୍ୟ ତୁମେ ସହିଦ ଦେବାଶିଷ

## ଗୋବିନ୍ଦ ଚନ୍ଦ୍ର ପ୍ରଧାନ

ଦେବଙ୍କ ଆଶିଷ ତୁମେ ଦେବାଶିଷ
ରଖି ଯାଇଅଛ ଯଶ
ସେନା ଆକାଶର ଉଜ୍ଜଳ ତାରକା
ଝୁରୁଛି ତୁମକୁ ଦେଶ । ୧ ।

ପୁରୀ ଜିଲ୍ଲା ମଧ୍ୟେ ଖଣ୍ଡାୟତ ସାହି
ରଚିଗଲା ଇତିହାସ
ଦେଶସେବା କରି ଶହିଦ ହୋଇଲ
ଧନ୍ୟ ତୁମେ ଦେବାଶିଷ । ୨ ।

ଜନକ ଜନନୀ ପ୍ରତାପ ମମତା
ଆଖିରୁ ଝରେ ଲୋତକ
ତୁମେ ଯୋଗ୍ୟସୁତ ପ୍ରାଣବଳୀ ଦେଇ
ରଖିଛ ଜାତିର ଟେକ । ୩ ।

ଧର୍ମପତ୍ନୀ ତୁମ ସଂଗୀତା ଦେବୀଙ୍କ
ଅଛି ତିନିମାସ କନ୍ୟା
ମାଆ ଜାଗୁଲାଇ କରୁଣା ଲଭିଣ
ଜୀବନ ତା' ହେଉ ଧନ୍ୟା । ୪ ।

ଏପ୍ରିଲ ମାସର କୋଡ଼ିଏ ତାରିଖେ
ହେଲ ବୀରଗତି ପ୍ରାପ୍ତ
ଓଡ଼ିଆ ମାଟିର ବୀରପୁତ୍ର ତୁମେ
ରହିବ ସଦା ଜୀବିତ । ୫ ।


ମରିନାହଁ ତୁମେ ମରିଅଛି ଶତ୍ରୁ
ତୁମରି ବୀରତ୍ୱ ପାଶେ
ତୁମ ଯୋଦ୍ଧାପଣ ଚର୍ଚ୍ଚା ହୁଏ ଆଜି
ସମଗ୍ର ଭାରତ ବର୍ଷେ । ୬ ।

କାନ୍ଦୁଛି ଏ ଜାତି କାନ୍ଦୁଛି ଜନତା
କାହୁଁ ଗଲ ଦେବାଶିଷ
ତୁମର ବୀରତ୍ୱ ତୁମ ଦେଶପ୍ରୀତି
ଭୁଲିବନି ଆମ ଦେଶ । ୭ ।

ମାତୃଭୂମି ପାଇଁ ବଳିଦାନ ଦେଇ
ସାର୍ଥକ କଲ ଜନମ
ଧନ୍ୟ ଦେବାଶିଷ ତୁମ ତ୍ୟାଗ ସେବା
ତୁମକୁ କୋଟି ସଲାମ । ୮ ।

ଜଗତର ନାଥ ପ୍ରଭୁ ଜଗନ୍ନାଥ
ପାଶେ କରୁଛି ବିନତି
ଦେବାଶିଷଙ୍କର ଅମର ଆତ୍ମାର
କରନ୍ତୁ ଯେ ସଦଗତି । ୯ ।

ସତ୍ୟବାଦୀ, ପୁରୀ



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା




ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଇ
ସହଯୋଗୀ ସମ୍ପାଦକ